ମୂଲ୍ୟ:₹ ୧/-

ଧରିତ୍ରୀ
DHARITRI

# ସାହିତ୍ୟାୟନ

ଡିସେମ୍ବର ୨୫, ୨୦୧୯-ଜାନୁୟାରୀ ୭, ୨୦୨୦

**ସୃଜନ ସ୍ମୃତି:** ପ୍ରତିଭା ପରିଡ଼ା

**ଅବଲୋକନ :** ସୁମନ୍ୟୁ ଶତପଥି

**ବିଶେଷ ଗଳ୍ପ :** ଦେବାଶିଷ ସାମନ୍ତରାୟ

**ଅନୁବାଦ ଗଳ୍ପ:** ନୀହାରିକା ମଲ୍ଲିକ



# ସମବେଦନା

ମୋନାଲିସା ମିଶ୍ର




ମୁଁ ଭାବୁଥିଲି ଜେନି, ରୁନିର ବହୁତ ଭଲ ସାଙ୍ଗ। ସେ ତା' ପାଇଁ ବହୁତ ଚିନ୍ତା କରେ। ରୁନିର ଦୁରବସ୍ଥା କଥା ମନେପକେଇ ମୋ' ଆଗରେ ଦିନେ କେତେ କାନ୍ଦୁଥିଲା। ବହୁତ ଥର କହେ, ରୁନିକୁ ଆଉ ଦେଖିହଉନି। ବିଚାରୀ ସାଙ୍ଗରେ ଭାଗ୍ୟ କେମିତି ଖେଳ ଖେଳିଲା ! ହୀନକପାଳୀଟା, ଏ ବୟସରେ ସିନ୍ଦୂର ଲିଭିଯିବାଟା କେତେ କଷ୍ଟ କହିଲୁ ?

ଏମିତି ଅନେକ ଥର ହେଇଛି ଜେନି, ରୁନି ଘରୁ ଫେରି ମୋ' ଘରକୁ ଆସିଛି, ଆଉ କହିଛି ରୁନିକୁ ଟିକେ ବୁଝା, କଳା ଟିକିଲିଟିଏ ହେଲେ ତ ଲଗାଉ। ଆଉ ଦିନେ କିଛି କାଗଜପତ୍ର ଧରି ଆସିଥିଲା, କହିଲା– ଚାଲ୍ ଯିବା ରୁନିକୁ ବୁଝେଇବା, ସେ ଗୋଟେ କମ୍ପ୍ୟୁଟର କୋର୍ସରେ ଯୋଗ ଦେଉ, କେତେ ଆଉ ଘର ଭିତରେ ବସି ରହିଥିବ, ତା' ଉଦାସ ମୁହଁ ଆଉ ଦେଖି ହଉନି।

ରୁନିର ଝିଅକୁ ଦେଖିଲେ ଜେନି ସବୁବେଳେ ପାଖକୁ ଟାଣିନିଏ, ତା' ପାଇଁ କେତେ ଉପହାର ଆଣିଦିଏ। ଫାଦର୍ସ ଡେ' ଦିନ ତାକୁ ଘରକୁ ଡାକି ନେଇ ପାର୍ଟି ଆୟୋଜନ ବି କରିଥିଲା। ବାରମ୍ବାର ତା' ମୁଣ୍ଡକୁ ଆଉଁଶି ଦେଇ କହୁଥାଏ, ଆହା ବାପଛେଉଣ୍ଡ ପିଲାଟା...। ସବୁବେଳେ କହେ ରୁନିର ଏ ଉଦାସୀ ଅବସ୍ଥା ଆଉ ଦେଖି ହବନି, ଭାରି କଷ୍ଟ ଲାଗୁଛି। ରଙ୍ଗିନ୍ ଶାଢ଼ି ତ ଦୂରର କଥା, କେଡ଼େ ବୋକୀଟା, ଖରାରେ ରଙ୍ଗିନ୍ ଚଷମା ଟିକେ ପିନ୍ଧ୍ କହିଲେ ବି ଶୁଣିବନି। ଶାଢ଼ି କିଣିଲା ବେଳେ ମୋର ଜେନି କଥାଗୁଡ଼ା ମନେପଡୁଥିଲା। ମୁଁ ରୁନି ପାଇଁ ଶାଢ଼ି ଗୋଟେ କିଣୁଥିଲି, ଭାବିଲି ଚୁଡ଼ି ବାକ୍ସଟିଏ ବି ନେଇଯାଏ, ଉପହାର ଦେବି ତ ଭଲକରି ଦେବି। ଚୁଡ଼ି ବାକ୍ସ କିଣିବା ପାଇଁ ମୁଁ ଆଉ ଗୋଟିଏ ଦୋକାନରେ ଚଢ଼ିଛି କି ନାହିଁ ମତେ ପଛରୁ କିଏ ଟାଣି ଆଣିଲା।

– ଓ! ଜେନି! ତୁ ତ ମତେ ଚମକେଇ ଦେଲୁ। କ'ଣ ରବିବାର ଶପିଂ କରିବାକୁ ଆସିଛୁ ?

ଜେନି ମୋ' କଥାର ଜବାବ ନ ଦେଇ ମୋ' କାନ୍ଧକୁ ପଛକୁ ବୁଲେଇ କହିଲା।

– ଆଲୋ ଦେଖ୍! ପଛକୁ ଟିକେ ଦେଖ୍। ଅସଲ ଚମକିଲା ଜିନିଷ ତ ପଛରେ ଆସୁଛି ଚାହାଁ।

କ'ଣ ବୋଲି ମୁଁ ପଛକୁ ଚାହିଁଲି, କିନ୍ତୁ କିଛି ଜାଣି ନ ପାରି ମୁଁ ଜେନିକୁ ପ୍ରଶ୍ନିଳ ଆଖିରେ ଚାହିଁଲି। ଜେନି ଆଖି ନଚେଇ କହିଲା

– ଦେଖିବୁ ରହ ରୁନି ଆସୁଛି ତା' ନୂଆ ବର ସାଙ୍ଗେ। ଓ–ହୋ–ଲୋ ! କି ନାଲି ପାଟ ! ବୋପାଲୋ ! ତା' ଲିପ୍‌ଷ୍ଟିକ୍ ରଙ୍ଗ କ'ଣ ଦେଖିବୁ, ଆ, ଏ ଦୋକାନ ପାହାଚ ଉପରକୁ ଆ, ଲୁଚି କରି ଦେଖିବା। କେମିତି ଯୋଡ଼ି ହେଇ ଚାଲିଛନ୍ତି ଦେଖ, ଛିଃ–ଛିଃ ଲାଜ ନାହିଁ !

ମୁଁ ଅବାକ୍ ହେଇ ଜେନି ମୁହଁକୁ ଚାହିଁଥିଲି। ଇଏ ସେଇ ଜେନି ତ ! ଯିଏ ରୁନିର ବିଧବା ବେଶ ଦେଖି କେତେ ସହାନୁଭୂତି ଦେଖଉଥିଲା, ଏବେ ଖୁସି ସମୟ ଦେଖି ଏମିତି ଛି–ଛାକର କରୁଛି !

ଜେନି ପୁଣି ଦୋକାନ ଗ୍ରିଲ୍ ପଛପଟେ ନାକ ମୋଡ଼ି ମୋଡ଼ି କହିଲା

– ଦେଖ୍, କଳା ଗଗଲ୍‌ସ ବି ପିନ୍ଧିଛି, ତା' ବର କୁଆଡ଼େ ଡିଭିଜନାଲ୍ ମ୍ୟାନେଜର୍ ପୋଷ୍ଟରେ ଅଛି ! ଇଲୋ ! ଏମିତି ଭାଗ୍ୟ ଉଛୁଳେ ! ଦେଖ୍ ଦେଖ୍ ତା' ମଙ୍ଗଳସୂତ୍ରକୁ ଦେଖ୍। ଲାଜ ନାହିଁ ? ରୁନି କେମିତି ଆଉ ଗୋଟେ ବାହା ହେଇଗଲା ଲୋ !

ମତେ ଜେନି ମୁହଁଟା ପୋଡ଼ା କାଗଜ ପରି ଦେଖାଯାଉଥିଲା। ଏବେ ଯେତେ ଦୁଃଖରେ ସେ ଜଳିଯାଉଛି ସେତେ ଦୁଃଖ ବୋଧେ ତାକୁ ରୁନି ବିଧବା ହେବାରେ ମିଳି ନ ଥିଲା। ଯେତେ କହିଲେ ବି ନିଆଁ ଝୁଲଟିଏ ଭଲ କରି ଜଳିଉଠିବା ପାଇଁ ସାଥୀଟିଏ ପାଉନାହିଁ ଦେଖି, କଥାର ଗୁରୁତ୍ୱକୁ ଆଉ ଟିକେ ବଢ଼େଇବା ପାଇଁ, ଜେନି ଓଠ ଲମ୍ୱେଇ, ନାକ ମୋଡ଼ି, ଆଖି ନଚେଇ ଅସହିଷ୍ଣୁତାର ବିଭିନ୍ନ ମୁଖଭଙ୍ଗୀ କରିବାକୁ ଲାଗିଲା।

ମତେ ଲାଗୁଥିଲା ସାରା ବଜାରଟା ରୁନିର ହସରେ ଚକ୍‌ମକ୍ ହଉଛି ଆଉ ଜେନି ପରି ଲୋକମାନଙ୍କର ମୁହଁ ସବୁ ମାଛି ଭଣଭଣ ହେଲା ପରି ତା' ଚାରିଟେ ଘୂରିବୁଲୁଛି। ମୁଁ କହିଲି

– ହଉ ଜେନି ଆ, ସେଠି ଏମିତି ଲୁଚିଲୁଚି ଠିଆ ହଅନା, ମୁହଁକୁ ମାଛି ଆସୁଛି।

*– ବି–୯, ଏନ୍‌ଆଇଟି କ୍ୟାମ୍ପସ୍, ରାଉରକେଲା*

# ସାହିତ୍ୟାୟନ: ଉଡ଼ାଣର ରୋମାଞ୍ଚ, ଆବିଷ୍କାରର ପୃଷ୍ଠା...




ମହାଶୟ,

* ଚମତ୍କାର ଲାଗୁଛି 'ସାହିତ୍ୟାୟନ'। ହୃଦୟକୁ ଛୁଇଁ ଦେଇ ଯାଉଛି ମୁଠାଏ ମୁଗ୍ଧ ବାସ୍ନା। ଭାବିଲି, ହଳେ ସ୍ୱପ୍ନ ପିନ୍ଧି ଘେରାଏ ଉଡ଼ି ଆସିବି ଏ ଆକାଶ। ଏଇଠୁ ଗୋଟେଇନେବି କିଛି ଉଡ଼ାଣର ରୋମାଞ୍ଚକୁ। କିଛି ପ୍ରେମକୁ ବାଣ୍ଟିବି। କିଛି ଆବିଷ୍କାରର ପୃଷ୍ଠାକୁ ଏଇଠି ଖୋଲିବି। ଏଇଠି ହଜିବା ଆରମ୍ଭ କରିବି।

*– ଦେବେନ୍ଦ୍ର ବାଉରୀ, ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ, ଜୟପାଟଣା, କଳାହାଣ୍ଡି*

* ନଭେମ୍ବର ୨୭–ଡିସେମ୍ବର ୧୦, ୨୦୧୯ ଧରିତ୍ରୀ 'ସାହିତ୍ୟାୟନ' ପଢ଼ିଲି। ପ୍ରଚ୍ଛଦ ପୃଷ୍ଠାରେ କଉତୁକିଆ ଗୁଣ୍ଡୁଚି ମୂଷାଟି ଝାଉଁଗଛରେ ଚଢ଼ି ଫଳ ଖାଇବା ଦୃଶ୍ୟ ଜୀବନ୍ତ ଲାଗିଲା। ବଙ୍ଗଳାର ପ୍ରଖ୍ୟାତ ଔପନ୍ୟାସିକ ବନଫୁଲଙ୍କ ଅନୂଦିତ ଗଳ୍ପ 'ରାସ୍ତା ଉପର ଲୋକ' ଏକ ଭିନ୍ନ ସ୍ୱାଦର ଗଳ୍ପ। ରାଘବ ସରକାର ମଣିଷକୁ ମଣିଷ ବୋହିବା ଠିକ୍ ନୁହେଁ ବୁଝି ରିକ୍ସାରେ ନ ବସି ମଧ ରିକ୍ସାବାଲାକୁ ବିନା କାରଣରେ ମୂଳ ଛ'ପଇସା ଦେବା ଏବଂ ସଚ୍ଚୋଟ ରିକ୍ସାବାଲା ଛ'ପଇସା ନ ନେବା, ଭିକ୍ଷା ବୋଲି କହିବା ଦୁହିଁଙ୍କ ମାନବତା ପ୍ରମାଣ କରୁଅଛି। 'ସୃଜନ–ସ୍ମୃତି'ରେ ପ୍ରଥିତଯଶା କବି ଭଗବାନ ଜୟସିଂହଙ୍କ ବକ୍ତବ୍ୟ 'ମାୟା ଘେରରେ କାଳିଦାସ' କବିତା ଏବଂ ଏହି କବିତାର ସମୀକ୍ଷା ଭଲ ଲାଗିଲା। 'ଆମେ ନାଉରୀ' ମିନିଗଳ୍ପରେ ଗଣତନ୍ତ୍ର ଦିବସ କଥା କହୁଥିବାବେଳେ ବର୍ତ୍ତମାନର ଉତ୍କୋଚ ବ୍ୟବସ୍ଥାରେ କାଠଚୋରି ବିଚିତ୍ର ଲାଗିଲା। ଗଳ୍ପଟି ସ୍ୱଷ୍ଟ ଲାଗିଲା ନାହିଁ। ସୁଲେଖିକା ସୁପ୍ରିୟା ପାଲଙ୍କ ବିଶେଷ ଗଳ୍ପ 'ମୁଟ୍‌ରୁ ଆସିବ' ଲେଖା ଛଟାରେ ମୋତେ ଭାରି ଭଲ ଲାଗିଲା। ଝରଣା ପଟ୍ଟନାୟକଙ୍କ ଗଳ୍ପ 'ଭିନ୍ନ ଏକ ଗାନ୍ଧୀ', ଗାଳ୍ପିକ ବିନୟ କୁମାର ଦାସଙ୍କ ଅନୂଦିତ ଗଳ୍ପ 'ନୂଆ ଫାଣ୍ଡି' ଅତ୍ୟନ୍ତ ଭଲ ଲାଗିଲା। କବିତା ପୃଷ୍ଠାର କବିତା 'ମୋହଲଗ୍ନ', 'ଦେବୀ', 'ଓଡ଼ିଆ ହାଇକୁ' ଭଲ ଲାଗିଲା। ଶରତ ଋତୁ ବିଦାୟ ନେବା ପରେ ବର୍ତ୍ତମାନ ହେମନ୍ତ ଋତୁ ଯାହାର ଅସ୍ତିତ୍ୱ ଆଜିକାଲି ନାହିଁ। 'ଶରତ ଋତୁ: ଫୁଲ' ପ୍ରାସଙ୍ଗିକ ମନେ ହେଲାନାହିଁ। ଗୀତି–କବିତାରେ ବିପ୍ଳବଙ୍କ 'ଜହ୍ନରାତିର ସ୍ମୃତି' ମନେ ରଖିବା ପରି ଓ ମନ ରସିବା ପରି। ମମତା ପ୍ରିୟଦର୍ଶିନୀ ସାହୁଙ୍କ ପ୍ରଥମ ଲେଖାର ପହିଲି ପୁଲକାନୁଭୂତି, ନୂତନ ପ୍ରକାଶିତ ବହିଗୁଡ଼ିକ ଏବଂ ଏହାର ସମୀକ୍ଷା ସୂଚନା ସବୁ ମିଶି ମୋତେ ଲାଗେ ଧରିତ୍ରୀ 'ସାହିତ୍ୟାୟାନ' ଏକ ସୁସ୍ୱାଦୁ ବୌଦ୍ଧିକ ଘାଣ୍ଟ ତିଅଣ।

*– ଶ୍ରୀରାମ ଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଲିଗୋରଡ଼ା, ଗବକୁଣ୍ଡ, ପୁରୀ*

* ଦୀର୍ଘଦିନର ଖବରକାଗଜ 'ଧରିତ୍ରୀ' 'ସାହିତ୍ୟାୟନ' ପ୍ରକାଶ କରି ବହୁ ଲେଖିକା ଓ ଲେଖକମାନଙ୍କୁ ଉତ୍ସାହିତ କରିବା ସହିତ ବହୁ ପାଠିକାପାଠକ ସୃଷ୍ଟି କରିପାରିଛନ୍ତି। 'ସାହିତ୍ୟାୟନ'ରେ ସମସ୍ତ ଗଳ୍ପ ଓ 'ପହିଲି ପୁଲକ' ମୁଁ ପାଠକରେ ଏବଂ ଦୀର୍ଘ ୧୨ ବର୍ଷ ହେବ ଏହାକୁ ପଢ଼ିଆସୁଛି। 'ସାହିତ୍ୟାୟନ' ଭଲ ଲାଗେ ଏବଂ ସମସ୍ତ କବିତା ସହିତ ଅନୁବାଦ ଗଳ୍ପ ଓ ଅନ୍ୟାନ୍ୟ ବିଭାଗଗୁଡ଼ିକ ଉଚ୍ଚକୋଟୀର। ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ 'ସାହିତ୍ୟାୟନ'ର ଉନ୍ନତି ହେଉ।

*– କଳ୍ପନା ପତି, (ସମାଜସେବୀ) ଏଲ–୬, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର*

* ନଭେମ୍ବର ୨୭– ଡିସେମ୍ବର ୧୦, ୨୦୧୯ 'ସାହିତ୍ୟାୟନ' ଲେଖାଗୁଡ଼ିକ ପଢ଼ିଲି। ଚିରାଚରିତ ଭାବରେ କେଉଁ ଲେଖା ଉଚ୍ଚକୋଟୀର, କେଉଁ ଲେଖା ନୀଚ ମାନର ସେ ବାଛବିଚାର କରି ପାରିବିନି। ସବୁ ଲେଖାର ଗୁଣାତ୍ମକ ମାନ ପାଠିକାପାଠକଙ୍କ ମନରେ ଶିହରଣ ସୃଷ୍ଟି କରିବ। 'ମାୟାଘେରରେ କାଳିଦାସ' କବିତା ଯେତିକି ଚମତ୍କାର, କବିତା ସମ୍ବନ୍ଧରେ କବି ଭଗବାନ ଜୟସିଂହଙ୍କ ବୌଦ୍ଧିକ ବକ୍ତବ୍ୟ ବି ତତୋଽଧିକ ଚମତ୍କାର। ସୁପ୍ରିୟା ପାଲଙ୍କ ଗପ ଏକ ଚମତ୍କାର ରୋମାଣ୍ଟିକ ଗପ, କିନ୍ତୁ ଦୀର୍ଘ। ପଢ଼ିବା ପାଇଁ ଧୈର୍ଯ୍ୟ ଦରକାର। 'ଭିନ୍ନ ଏକ ଗାନ୍ଧୀ' ଝରଣା ପଟ୍ଟନାୟକଙ୍କ ଏକ ସ୍ୱତନ୍ତ୍ର ଚିନ୍ତାଧାରାର ଗଳ୍ପ। ଗଳ୍ପଟି ସୁଖପାଠ୍ୟ। 'ନୂଆ ଫାଣ୍ଡି' ଏକ ବ୍ୟଙ୍ଗଧର୍ମୀ ଗପ ଭଳି ମୋତେ ମନେହେଲା। ଯେଉଁ ଗାଳ୍ପିକ ଯେଉଁ ଗଳ୍ପ ଲେଖୁ ନା କାହିଁକି ମଣିଷ ଚରିତ୍ରକୁ ନେଇ ଗପ ଲେଖିବ। ସୋନାଲି ସ୍ୱାଇଁଙ୍କ କବିତା ଖୁବ୍ ହୃଦୟସ୍ପର୍ଶୀ ଏବଂ ସର୍ବଜନବୋଧଗମ୍ୟ। ଏକ କୁନି ଝିଅର ଅନ୍ତରର ଭାଷାକୁ କବି ଭଲ ଭାବେ ଫୁଟାଇ ପାରିଛନ୍ତି। ଆଉ ସବୁ କବିତା ଭଲ। ନିଜ କବି ଜୀବନର ଅଭିବ୍ୟକ୍ତିକୁ ମମତା ପ୍ରିୟଦର୍ଶିନୀ ସାହୁ ଚମତ୍କାର ଭାବରେ ବର୍ଣ୍ଣନା କରିଥିବାରୁ କବିଙ୍କୁ ଧନ୍ୟବାଦ। ଝିଅର କବିତ୍ୱ ପ୍ରତିଭାରେ ପିତାମାତାଙ୍କ ଅଭିବ୍ୟକ୍ତି ଚମତ୍କାର। ଓଡ଼ିଆ ମାତୃଭାଷା ମୋର ମା'। ଇଂରାଜୀ ଭାଷା ସାହିତ୍ୟ ମୋ' ପ୍ରେମିକା ମତବାଦ ହୃଦୟ ସ୍ପନ୍ଦନକାରୀ ବାକ୍ୟ। କବିଙ୍କ ଜୀବନ ପରମାର୍ଥୀ ଜୀବନ। 'ପୁସ୍ତକ ପରିଚୟ'ରେ ମନୋଜ ଦାସଙ୍କ ଲିଖିତ 'ମହାଯୋଗୀ ଶ୍ରୀଅରବିନ୍ଦ' ନିଶ୍ଚିତ ଭାବରେ ଏକ ଉଚ୍ଚ ମାନର ପବିତ୍ର ପୁସ୍ତକ। ଯୋଗୀ ଶ୍ରୀଅରବିନ୍ଦଙ୍କୁ ମନୋଜ ଦାସ ଭଲ ଭାବରେ ଜାଣନ୍ତି। ମନୋଜ ଦାସ ଜଣେ ଉଚ୍ଚକୋଟୀର ଲେଖକ। ଆଉ ସବୁ ପୁସ୍ତକ ରଚନାକାରୀମାନଙ୍କୁ ଧନ୍ୟବାଦ।

*– ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ*

ସାହିତ୍ୟାୟନ

**ଲେଖା ପଠାଇବାର ଠିକଣା**

ସମ୍ପାଦକ ଧରିତ୍ରୀ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
email: dharitrisahityayana@gmail.com

ସାହିତ୍ୟାୟନ ପ୍ରତି ୧୫ ଦିନରେ ଥରେ ପ୍ରକାଶ ପାଏ । ମୌଳିକ ଗଳ୍ପ, କବିତା, ଅନୁବାଦ ଗଳ୍ପ, ବ୍ୟଙ୍ଗ ଓ ଲଳିତ ନିବନ୍ଧକୁ ପ୍ରାଧାନ୍ୟ ଦିଆଯାଏ। ପ୍ରଥମ ପ୍ରକାଶିତ ପୁସ୍ତକ/ଲେଖାକୁ ନେଇ ବିଶେଷ ଅନୁଭୂତି, ଭାରତୀୟ ଓ ବିଶ୍ୱ ସାହିତ୍ୟ ଉପରେ ଆଧାରିତ ଲେଖା ସ୍ଥାନିତ ହୁଏ। ଆଗ୍ରହୀ ଲେଖିକା/ଲେଖକ ନିମ୍ନ ଠିକଣାରେ ଲେଖା ପଠାଇପାରିବେ। ଜେରକ୍ସ କପି ଗ୍ରହଣୀୟ ନୁହେଁ। ପୂରା ଠିକଣା ଓ ମୋବାଇଲ ନମ୍ବର ଦେବାକୁ ଅନୁରୋଧ।

Printed and published by Tathagata Satpathy on behalf of Samajbadi Society and printed at Navajat Printers, B-15, Industrial Estate, Rasulgarh, Bhubaneswar-10 ସମ୍ପାଦକ: ତଥାଗତ ସତପଥୀ

# ସୃଜନ-ସ୍ମୃତି

# କବିତା ଭଲ ପାଇବାର ମହାବେଦୀ

ନିୟତି ମୋ’ କପାଳରେ କବି-କର୍ମର ଯୋଗ ଲେଖିଥିଲା! କେଜାଣି? ‘ପିଲାଦିନୁ ସାଂଘାତିକ ଅସୁସ୍ଥତାର ଦୁର୍ଭୋଗ ମଧ୍ୟରେ କବିତା ଲେଖିବା ଦରକାର କ’ଣ?’– ବିଚାରୁଥିବା ମୋର ମାନସିକତା (ମସ୍ତିଷ୍କ ବି!) ମୋତେ ବେଶ୍ ସୁହାଇ ନେଇଥିଲା। ସେହି ହିସାବରେ ସମୟ ବି ବିତି ଯାଉଥିଲା।

କିନ୍ତୁ ଏକ ଅଦ୍ଭୁତ ମୁହୂର୍ତ୍ତରେ ମୁଁ ବିଭୋର ହୋଇଗଲି, ଯେତେବେଳେ ଅଚିହ୍ନା ଶବ୍ଦ ସବୁ ପ୍ରାର୍ଥନାର ମନ୍ତ୍ର ହୋଇ ଝରି ପଡୁଥିଲେ ମୋ’ ହୃଦୟର ଆଧାରପାତ୍ରକୁ; ଆଉ ମୁଁ ସେସବୁକୁ ସାଉଁଟି ନିଠେଇ ନିଠେଇ ଖଞ୍ଜୁଥିଲି। ଯୋଡ଼ ହସ୍ତରେ ଆବେଗତକ ଆବୋରି ଆରାଧନା କରୁଥିଲି। ସେହି ଉଚ୍ଛନ୍ନ ବେଳାରେ ବଦଳି ଯାଇଥିଲା ଜୀବନର ଲଗ୍ନ।

କବିତା ଭଲ ପାଇବାର ମହାବେଦୀ ଆଉ ଜୀବନବୋଧର ଅନନ୍ୟ ସାଧନ ପାଲଟି ଯାଇଥିଲା।

ସେହି କ୍ରମରେ ରାଜାତୋଟା–ଯାଜପୁର ବରୀ ନିକଟ ଏକ ଘରୋଇ ମହିଳା ମହାବିଦ୍ୟାଳୟରେ ଅଧ୍ୟାପନା ବୃତ୍ତି ସଚିବାଳୟରେ ପ୍ରବେଶ କରିବାର ସ୍ୱଳ୍ପକାଳ ପୂର୍ବରୁ। ଯାହା ବି ହେଉ, ସଦ୍ୟ ପାଠପଢ଼ା ସମାପ୍ତ ପରେପରେ ନୂଆ ଚାକିରି, ନୂଆ ଜାଗା ଆଉ ନୂଆ ଅଧ୍ୟାପିକା ସାଥୀମାନଙ୍କ ଗହଣରେ ମୁହୂର୍ତ୍ତ ସବୁ ଆନନ୍ଦଦାୟୀ ହୋଇ ଉଠୁଥିଲା। କବିତା ବି ତାଙ୍କି ରଖିଥିଲା ସେଇମିତି ପୂର୍ବ ଭଳି।

ଦିନେ ସନ୍ଧ୍ୟାବେଳେ ବିଜୁଳି ଲାଇନ୍ କଟିଯାଇଥାଏ। ଖରାଦିନ। ଆକାଶରେ ପୂର୍ଣ୍ଣିମା ପାଖାପାଖି କୌଣସି ଏକ ଅଜଣା ତିଥିର ତୋଫା ଜହ୍ନ। ସାରା ଅଞ୍ଚଳ ଗାଧୋଇ ପଡ଼ିଥାଏ ଯେମିତି ସେଇ ଚାନ୍ଦିନୀ ସ୍ରୋତରେ। ପାଖରେ କୁଳୁକୁଳୁ ନଈ। ସୁନ୍ଦର ମତାଣିଆ ପବନ ବିଞ୍ଚି ଦେଉଥାଏ ଆମ ସମସ୍ତଙ୍କୁ। ଆମେ ରହୁଥିବା ଭଡ଼ାଘରର ଚାରିପାଖେ ଝଙ୍କାଝଙ୍କା ଗଛର ଗହଳ ଡାଳପତ୍ର ସନ୍ଧିରେ ଜହ୍ନ ଦୋଳି ଖେଳୁଥାଏ। ଏତିକି ବେଳେ



ପ୍ରତିଭା ପରିଡ଼ା

ସାଥୀ ଅଧ୍ୟାପିକାମାନେ ଅନୁରୋଧ କରିଥିଲେ, ଡାଏରୀରୁ କବିତାଟିଏ ପଢ଼ି ଶୁଣାଇବାକୁ। ମୁଁ ଭିତରକୁ ଯାଇ ଡାଏରୀ ଆଣି କବିତା ପଢ଼ିବାରେ ଲାଗିଲି। ଟିକେ ଦୂରରେ ବସିଥା’ନ୍ତି ଆଉଆ ମା’, ମୁଢ଼ି ଖାଉଥା’ନ୍ତି ଆଉ ମୁଣ୍ଡ ହଲାଉଥା’ନ୍ତି। ଆଉଆ ମା’ଙ୍କୁ ଗାଆଁରେ ସମସ୍ତେ ସେହି ନାଆଁରେ ଡାକନ୍ତି। ପାଠ ପଢ଼ିନାହାନ୍ତି, ସହର କ’ଣ ଜାଣିନାହାନ୍ତି। ମଉସା ଚାଲିଗଲେଣି କେଉଁକାଳୁ। ପୁଅଝିଅ କେତେ ଦୂରରେ। ଏକୁଟିଆ ଅଭାବୀ ସଂସାର।

ହଠାତ୍ ମୁଁ ପଚାରିଦେଲି, ‘ଆଉଆ ମା’! ବୁଝି ପାରୁଛ?’ ଆଉଆ ମା’ ହସିଦେଲେ ଠୋ ଠୋ, ‘ତୁ ଘୀତ ଲେଖି ପଢୁଛୁ, ଆଉ ମୁଁ ବୁଝିପାରିବିନି? ଯଦି ଘୀତ ବୁଝି ନ ହେବ, ଲେଖା ହେବ କିଆଁ?’ (କବିତାକୁ ‘ଗୀତ’ ବୋଲି ବୁଝେ ଆଉଆ ମା’, ଆଉ ‘ଗୀତ’କୁ ‘ଘୀତ’ କହେ) ହଠାତ୍ ମୁଁ ଥତମତ ହୋଇଗଲି ଆଉ ବିକଳ ହୋଇ କହି ପକାଇଲି, ‘ଯଦି ମୋ’ ଲେଖା ବୁଝା ପଡ଼ିବନି, ତେବେ?’ ପୁଣି ଆଉଆ ମା’ଙ୍କର ସେଇ ଅଖଳ ହସ, ସେମିତି କେମିତି ହେବ ମା’? ଠାକୁର କଲମ ଦେଇଛନ୍ତିଟି, ଲେଖ୍ କି ନ ଲେଖ୍ ଘୀତର ଭାବଟେ ଅଛି ନା! ମୁଁ ଆହୁରି ଜଡ଼ସଡ଼ ହୋଇଗଲି। କବିତା ମୁଁ ପଢୁଛି ନା ଆଉଆ ମା’ ଘୀତ ଗାଉଛନ୍ତି, ଆଉ ଘୀତର ଭାବ ମୁଠାମୁଠା ବିଛେଇ ହେଇ ପଡୁଛି ମାଟିରେ।

ତା’ ପରେ ସଚିବାଳୟ–ଅଲଗା ଜଗତ, ଅଲଗା ଜଞ୍ଜାଳ, ଅଲଗା ସମୟ। କିଛିକିଛି ଲେଖିବାକୁ ମନ କରୁଛି। ହେଲେ ଆଉଆ ମା’ର କଥା, ‘ଲେଖ୍ କି ନ ଲେଖ୍ ଘୀତର ଭାବଟେ ଅଛି ନା!’ ଘୀତର ଭାବ କେଉଁଠି ଥାଏ ସତରେ? ତରତର ହୋଇ କଲେଜ ଧାଉଁଥିବା ତରୁଣଟି ଯେତେବେଳେ ଦଣ୍ଡେ ରହିଯାଇ ସାଇକେଲରୁ ଓହ୍ଲେଇ ପଡ଼ି ରାସ୍ତା ଅଣ୍ଡାଳୁଥିବା ଅନ୍ଧ ଲୋକଟିକୁ ରାସ୍ତା ପାର କରାଇଦିଏ, ତା’ କ’ଣ ଘୀତର ଭାବ କି? ଡହଡହ ଖରାବେଳେ ଘର ସାମ୍ନା ଫାଟକ ପାଖରେ ଗାଈଟିଏ ଯେତେବେଳେ ଶୋଷରେ ହାମ୍ଭୁଥାଏ, ଆଉ ଘର ଭିତରୁ ଟିକି ବାଲ୍‌ଟିରେ ଅଧବାଲ୍‌ଟିଏ ପାଣି ଆଣି ସାତ ଆଠ ବର୍ଷର ଟିକି ପିଲାଟି ତା’ ସାମ୍ନାରେ ରଖିଦିଏ, ତହିଁରେ ଘୀତର ଭାବ ଥାଏ କି?

ବୁଢ଼ୀ ମାଲୁଣୀ ଗୀତଗୋବିନ୍ଦର ସ୍ୱର ତୋଳି ବାଇଗଣ କିଆରିରେ ବାଇଗଣ ତୋଳୁଥିବା ବେଳେ ତହିଁରେ କ’ଣ ଘୀତର ଭାବ ଥାଏ? ଏ ପୃଥିବୀକୁ ସୂର୍ଯ୍ୟ, ଚନ୍ଦ୍ର, ତାରା, ମେଘ, ଝରଣା, ପ୍ରେମ, ପୀଡ଼ା, ହତାଶା, ଅନୁରାଗ, ବିଶ୍ୱାସ, ଅଭିମାନ, ଘୃଣା, ଅହଂକାର ଆଦି ଘେରି ରହିଥିବା ବେଳେ ସେଥିରେ କ’ଣ ଘୀତର ଭାବ ଥାଏ?

ଆଉଆ ମା’! କେଉଁଠି ଥାଏ ଘୀତର ଭାବ? ତୁମରି କଥା ହେଉ। ଘୀତ ଲେଖା ଚାଲିଥାଉ, ଆଉ ଘୀତର ଭାବରେ ସାରା ଜଗତ ବାନ୍ଧି ହୋଇ ରହିଥାଉ!

– ପାର୍କ ପାରାଡାଇଜ୍ କଲୋନୀ,ରଘୁନାଥପୁର,
ନନ୍ଦନକାନନ ରୋଡ୍, (ଦୁଲାଦେଇ ଛକ), ବାରଙ୍ଗ, ଖୋର୍ଦ୍ଧା

# ଚାରୋଟି ଅନୁବାଦ ଗଳ୍ପ

## ନାଆଁ

– “ଯାହା ବି ହେଉ ପଛେ, ମୁଁ ନାଆଁ ବଦଳେଇବିନି।”

– “ଆରେ, କିନ୍ତୁ ପୁଣି, ଏ ସମାଜ... ବନ୍ଧୁବାନ୍ଧବ... ଏ ଲୋକମାନଙ୍କ କଥା... ?”

– “ସେ କଥା ତୁମେ ଜାଣ...”

ପୁଅଟି ଉଦାସ ହୋଇଯାଇ– “ଠିକ୍ ଅଛି, କଥା ହେବି।”

କିଛିଦିନ ପରେ ପୁଣି ଥରେ ଦେଖାହେବା ସମୟରେ...

ପୁଅଟି– “ଡାର୍ଲିଂ, ଖୁସି ଖବର ଅଛି ତୁମ ପାଇଁ...।”

ଆଖିକୁ ବଡ଼ କରି ଝିଅଟି– “କ’ଣ?”

– “ଘରଲୋକେ ରାଜି ହୋଇଗଲେ।”

– “ଏବେ କେମିତି ମାନିଗଲେ...!”

– “ଆଗକୁ ପରିଷଦ ନିର୍ବାଚନ। ସେଥିରେ ମୋର ନେତାଗିରି ଏବଂ ତୁମର ସଂରକ୍ଷଣ...” ଆଖି ନଚେଇ କହିଲା।

## ଆଲୋକ

– “ଜମା ଶୁଣୁନାହୁଁ, କେତେଥର କହିଛି, ପଛ ରୁଟି ସବୁ ଘିଅ ନ ମାରି ରଖ। ବଳିପଡ଼ିଲେ, କାମବାଲୀକୁ ଦେଲେ ଦୁଃଖ ଲାଗିବନି।”

ଠାକୁରଙ୍କ ଆଗରେ ଶୁଦ୍ଧ ଘିଅର ଦୀପ ଜାଳୁଜାଳୁ ଶାଶୁମା’ ନିଜ ବୋହୂକୁ ଗାଳି କରି କୁହନ୍ତି।

ବୋହୂଟି ଆଲୋକରେ ଭରିଥିବା କୋଠରିରେ ଦୀପ ଜଳେଇବାର ଯଥାର୍ଥତା ବିଷୟରେ ଭାବୁଭାବୁ ସବୁତକ ରୁଟିକୁ ଘିଅ ସରସର କରି ନିଜ ମନର ଆଲୋକରେ ରୋଷେଇଘର ଏବଂ ଧର୍ମକୁ ପୁଣିଥରେ ଆଲୋକିତ କରିଦିଏ।

## ସମ୍ମାନ

**ମୂଳ ହିନ୍ଦୀ : ନିଧି ଜୈନ**

ସେ ଆଉ ସହିପାରିଲାନି...

ଯେ ପର୍ଯ୍ୟନ୍ତ ତା’ ସହ ଏସବୁ ହୋଇଆସୁଥିଲା, ସେଯାଏଁ ସେ ଚୁପ୍‌ଚାପ୍ ନୀରବରେ ସବୁ ସହିଯାଉଥିଲା... ପରିବାର ଏବଂ ସାନସାନ ଭାଇଭଉଣୀଙ୍କ ମୁହଁକୁ ଚାହିଁ ସେ ନିଜକୁ ଏକ ଶବରେ ପରିଣତ କରିସାରିଥିଲା। କିନ୍ତୁ ଯେତେବେଳେ ସେଇସବୁ ତା’ ସାନ ଭଉଣୀ ସାଙ୍ଗରେ ଘଟିବାର ଉପକ୍ରମ ହେଲା, ସେ ଘରୁ ପଳାଇଯାଇ ପୋଲିସ ଥାନାରେ ଅଭିଯୋଗ କଲା...। କେମିତି ବା ସେ ଶେଷରେ ତା’ର ଅସ୍ମିତା ଲୁଟିବାକୁ ଦେଇଥାନ୍ତା ସେ ରାକ୍ଷସ ହାତରେ!

ଅଜାଣତରେ ହିଁ କିଛି ଲୋକଙ୍କୁ ଅତିକମ୍‌ରେ କିଛିଦିନ ଚଳିବାର ଖୋରାକ ସେ ଦେଇଦେଲା। କେଜାଣି କେମିତି ଶୁଙ୍ଘିଶୁଙ୍ଘି ପତ୍ରକାରମାନେ ତା’ ପାଖରେ ପହଞ୍ଚିଗଲେ... ତା’ର ଅସ୍ପଷ୍ଟ ଚେହେରା ସହ ତା’ ଫଟୋ ଟିଭିରେ ଆସିଗଲା। ପୋଲିସ ବଡ଼ ଝିଅର ବୟାନ ଏବଂ ଡାକ୍ତରୀମାଇନାକୁ ଆଧାର କରି ଘରର ମୁଖିଆ ଅର୍ଥାତ୍ ତା’ ବାପାକୁ ଗିରଫ କରିନେଲା। ସାନକୁ ସେ ନା ପୋଲିସ ଆଗକୁ ଆସିବାକୁ ଦେଲା, ନା ଟିଭିବାଲାଙ୍କ ସାମ୍ନାକୁ। ଆସିବାକୁ ଦେଇଥା’ନ୍ତା ବା କେମିତି? ମାଆ ମରିଯିବା ପରେ ସେ ହିଁ ତ ମାଆ ଥିଲା ନିଜଠୁ ସାନ ଭାଇଭଉଣୀଙ୍କର। ସେଇମାନଙ୍କୁ ସବୁ ଖରା ବର୍ଷାରୁ ରକ୍ଷା କରିବାର ଭାର ତା’ ଉପରେ ହିଁ ଥିଲା।

ମଦୁଆ ବାପକୁ ପୋଲିସ ଧରିନେଇଗଲା। ଯେତେବେଳେ ମଦନିଶା ଛାଡ଼ିଲା, ସେ ଦୁନିଆର ଅପବାଦରୁ ରକ୍ଷା ପାଇବା ପାଇଁ ସେଇ ହାଜତରେ ହିଁ ବେକରେ ଗାମୁଛା ଦେଇ ଫାଶୀରେ ଝୁଲିପଡ଼ିଲା।

ଶବ ବ୍ୟବଚ୍ଛେଦ ପରେ ମୃତଦେହର ଅନ୍ତିମ ସଂସ୍କାର ତାକୁ ହିଁ କରିବାକୁ ପଡ଼ିଲା... ସମ୍ପର୍କୀୟ ଏବଂ ପଡ଼ୋଶୀମାନେ ଆସିବାକୁ ପଛଘୁଞ୍ଚା ଦେଲେ, କିନ୍ତୁ କୁଟୁମ୍ବର କିଛି ଲୋକ ଏକାଠି ହେଲେ। ଏତେବେଳକୁ ସମସ୍ତେ ସବୁ କଥା ଜାଣିସାରିଥିଲେ। ସମସ୍ତେ କାନରେ ଫୁସ୍‌ଫାସ୍ ହୋଇ କଥାବାର୍ତ୍ତା କରୁଥିଲେ ଏବଂ କୋକେଇ ବାନ୍ଧିବାର ପ୍ରସ୍ତୁତିରେ ଲାଗି ପଡ଼ିଥିଲେ। ପ୍ରତ୍ୟେକଙ୍କ ଦୃଷ୍ଟିରେ ଥିଲା ଘୃଣା ଇ ଘୃଣା।

ହଁ, ଘୃଣା!

କିନ୍ତୁ ମରିଥିବା ବଳାତ୍କାରୀ ବାପ ପ୍ରତି ନୁହେଁ, ଘରର ସମ୍ମାନକୁ ଧୂଳିସାତ୍ କରିଦେଇଥିବା ଝିଅ ପ୍ରତି।

## ପାପୀ

**ମୂଳ ହିନ୍ଦୀ : ଦୀପକ ମଶାଲ**

ମୌସୁମୀ ଆସିବାର ସମ୍ଭାବ୍ୟ ତାରିଖ ବିତିବା ଗୋଟିଏ ମାସ ହୋଇଗଲା, କିନ୍ତୁ ଏପର୍ଯ୍ୟନ୍ତ ସେଠି ବର୍ଷା ହୋଇ ନ ଥିଲା। ସନ୍ଧ୍ୟା ସମୟ ଥିଲା, ଚାରି ଛଅ ଜଣ ପ୍ରୌଢ଼ ଛକରେ ଠିଆ ହୋଇ ଗପିବାରେ ବ୍ୟସ୍ତ ଥିଲେ।

– “ବାଦଲ ସାରା ସହରରେ ଘୋଟିଯାଉଛି, ଚାରିଆଡ଼ ଅନ୍ଧାର କରିଦେଉଛି, ଆଉ ଚାଲି ଯାଉଛି।”

– “ଯୋଉଠି ଦେଖ ସେଇଠି ବର୍ଷା ହେଉଛି। କିଛି ଜାଗାରେ ତ ହଠାତ୍ ବନ୍ୟା ଆସିଗଲା।”

– “ସେଥିରେ ପୁଣି ଯୋଉ ଗରମ, ନାକେଦମ୍ କରିଦେଉଛି, ତା’ପରେ ପୁଣି ଚବିଶରୁ ଅଠର ଘଣ୍ଟା ବିଜୁଳିକାଟ୍ ସହିବାକୁ ପଡୁଛି।”

ଗାମୁଛାରେ ବିଞ୍ଚିହୋଇ ତୃତୀୟ ବ୍ୟକ୍ତି ଜଣକ କହିଲା ଏବଂ ବିଜୁଳି ଖୁଣ୍ଟିକୁ ପିଠି ଡେରି ହୋଇଥିବା ଚତୁର୍ଥ ଜଣକ କହିଲା– “ଗୋଟେ ଖାଲି ଆମରି ସହର ଅଛି, ଯେଉଁଠି ଏ ପର୍ଯ୍ୟନ୍ତ ବୁନ୍ଦାଏ ପାଇବା ଆଶାରେ ବାଟ ଚାହିଁ ବସିଛୁ।”

– “ହଁ, ଖାଲି ଏଇ ବୁନ୍ଦେଲଖଣ୍ଡ, ଆଉ ଏ ବୁନ୍ଦେଲଖଣ୍ଡ ଭିତରେ ଆମ ଜିଲା।”

ସମସ୍ତଙ୍କ ମତାମତରେ ଏକମତ ହୋଇ ପ୍ରଥମ ଜଣକ ନାଗରିକଙ୍କୁ ଦୋଷଦେଲା।

– “କେଜାଣି, ଶଳା ସବୁଯାକ ପାପୀ ବୋଧେ ଏଇଠି ଖୁନ୍ଦି ହେଇଛନ୍ତି...।”

ଏତିକିବେଳେ ପାଖ ସେଲୁନରେ ବସି ଏଇସବୁ କଥା ଶୁଣୁଥିବା କିଶୋରଟିଏ କହିଲା, “ପାପୀ ତ ଅଛନ୍ତି କାକା...!”

– “ପୁଅ, ଚାରିଜଣ ଗୁରୁଜନ କଥା ହେବାବେଳେ ମଝିରେ କୁହନ୍ତିନି।” ଜଣେ ଅଟକାଇଲେ।

କିନ୍ତୁ ପିଲାଟି ନିଜ କଥା ସାରିକି ହିଁ ରହିଲା।

– “ସେ ପାପୀ ହିଁ ତ ହୋଇଥିବ, ଯିଏ ଲୋଭରେ ସବୁଯାକ ଗଛ କାଟିବାରେ ଲାଗିଛି। ଗତ ମାସରେ ଆପଣ ହିଁ ତ ନିଜ ଜମିରେ ଥିବା ନଅଟି ଗଛ କଟେଇଦେଲେ, ସମସ୍ତେ ସେଇଆ କରୁଛନ୍ତି। ମେଘ କୋଉଠୁ ବର୍ଷିବ!”

ବଡ଼ମାନେ ସବୁ ପରସ୍ପରର ମୁହଁକୁ ଅନାଅନି ହେଉଥିଲେ।

**ଅନୁବାଦ- ନୀହାରିକା ମଲ୍ଲିକ, ଖାତିଗୁଡ଼ା, ନବରଙ୍ଗପୁର**

ଅବଲୋକନ



# ଅନୁବାଦକୀୟ ନିଷ୍ପତ୍ତି ଓ ଦୁଇଟି ଅନୂଦିତ ବହି



ସୁମନ୍ୟୁ ଶତପଥି

ନିକଟ ଅତୀତରେ ହସ୍ତଗତ ହୋଇଥିବା ଓଡ଼ିଆରେ ଅନୂଦିତ ଛୋଟ ବଡ଼ କେତୋଟି ଉପନ୍ୟାସ ବହି ମୋତେ ଏହି ଆଲେଖ୍ୟଟି ଲେଖିବାକୁ ପ୍ରବର୍ତ୍ତାଇଛି। ଶିରୋନାମରେ ସୂଚିତ ଅନୁବାଦକୀୟ ନିଷ୍ପତ୍ତି ବିଷୟରେ ଆଲୋଚନା କରିବା ପରେ ଏଇ ସବୁ ବହି ମଧ୍ୟରୁ ଦୁଇଟି ସମ୍ପର୍କରେ ଚୁମ୍ବକରେ ଆଲୋଚନା କରାଯିବ। ବେଶ୍ କିଛି ବର୍ଷ ହେଲା ସାରା ବିଶ୍ୱରେ ଅନୂଦିତ ସାହିତ୍ୟର ପ୍ରାଚୁର୍ଯ୍ୟକୁ ଆଖିରେ ରଖି ଅନୁବାଦକୁ ଏକ ଛୋଟକାଟିଆ 'ଶିଳ୍ପ' ବୋଲି କୁହାଯାଉଛି। ଏପରି ନାମକରଣ ପଛରେ ରହିଛି କିଛି ତାତ୍ପର୍ଯ୍ୟ, କିଛିଟା ତାଚ୍ଛଲ୍ୟ ବି। ଅନେକ ପ୍ରକାଶନ ସଂସ୍ଥା ଅନୂଦିତ ସାହିତ୍ୟ ପ୍ରକାଶନକୁ ଏକ ପାର୍ଶ୍ୱ ଜୀବିକା ଭାବେ ଗ୍ରହଣ କରୁଛନ୍ତି। ଅନୁବାଦକୁ ନେଇ ଶିକ୍ଷାବିତ୍‌ମାନେ ଅନେକ ତତ୍ତ୍ୱ ବାହାର କରିସାରିଲେଣି, ଯାହାକୁ ଭିତ୍ତିକରି ଅନୁବାଦ ତତ୍ତ୍ୱ ପରି ବିଭିନ୍ନ ପାଠ୍ୟକ୍ରମ ବିଶ୍ୱବିଦ୍ୟାଳୟଗୁଡ଼ିକରେ ପ୍ରଚଳିତ ହେଉଛି। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଏହାର ଲୋକପ୍ରିୟତା ମଧ୍ୟ ବଢ଼ିଚାଲିଛି। ଅଧ୍ୟାପନା ପରିସର ବାହାରେ ସବୁଦିନ ପରି ପାଠୁଆ ଜନସାଧାରଣ ଅନୁବାଦରେ ଉତ୍ସାହ ଓ ରୁଚି ରଖି ନିଜର ଅଧ୍ୟବସାୟ ବଳରେ ନିଜନିଜ ଭାଷାରେ ଅନୂଦିତ ପୁସ୍ତକର ସଂଖ୍ୟା ବୃଦ୍ଧି କରିବାରେ ଲାଗିଛନ୍ତି।

ଅନୁବାଦ କହିଲା ମାତ୍ରେ ଅନେକେ ଯଦିଓ ସାହିତ୍ୟ ବହି କଥା ଭାବନ୍ତି, କିନ୍ତୁ ଏହି କଳା ବା ବିଜ୍ଞାନର ପ୍ରୟୋଗ ବହୁମୁଖୀ। ବ୍ୟକ୍ତିଗତ ଉଦ୍ୟମ ବ୍ୟତୀତ, ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକରେ ଅସଂଖ୍ୟ ପେସାଦାର ଅନୁବାଦକ ଏଇ କାମ ପାଇଁ ନିଯୁକ୍ତି ପାଉଛନ୍ତି। ଅନୁବାଦ ଶିଳ୍ପର ବ୍ୟାପ୍ତି ଆମ ଦେଶ ଭଳି ଏକ ବହୁଭାଷୀ ରାଷ୍ଟ୍ର ପାଇଁ ନିତାନ୍ତ ଖୁସିର କଥା। ଏହାର ପ୍ରୟୋଜନୀୟତା ଓ ପ୍ରୟୋଗର ଗୋଟିଏ ପ୍ରମାଣ ହେଲା ଇଂରାଜୀରେ ଲିଖିତ ଅସଂଖ୍ୟ ଜ୍ଞାନଗର୍ଭୀ ପୁସ୍ତକକୁ ତେଇଶଟି ଭାରତୀୟ ଭାଷାରେ ଅନୁବାଦ କରିବାର ଆବଶ୍ୟକତା ଅନୁଭବ କରି 'ରାଷ୍ଟ୍ରୀୟ ଅନୁବାଦ ମିଶନ' ସ୍ଥାପନ କରିବା। ଏହାଛଡ଼ା ବିଭିନ୍ନ ବିଦେଶୀ କମ୍ପାନୀଗୁଡ଼ିକ ନିଜ ନିଜ ପଣ୍ୟର ବିଜ୍ଞାପନ ଭାରତୀୟ ଭାଷାରେ ଦେବା ପାଇଁ ଆଗ୍ରହ ପ୍ରକାଶ କରୁଥିବାରୁ ପେସାଦାର ଅନୁବାଦକଙ୍କ ସଂଖ୍ୟା ମଧ୍ୟ ବଢ଼ିଚାଲିଛି। ଏଇସବୁ ପ୍ରସଙ୍ଗ ବେଶ୍ ଜଟିଳ, ହୁଏତ ବିବାଦାସ୍ପଦ। ତେଣୁ ଏହା ଉପରେ ମନ୍ତବ୍ୟ ନ ଦେଇ ଏଠାରେ କେବଳ ଦୁଇଟି ଅନୁବାଦକୀୟ ନିଷ୍ପତ୍ତି ଓ ତଦନୁରୂପ ଦୁଇଟି ଅନୂଦିତ ସାହିତ୍ୟ ବହି ବିଷୟରେ ଆଲୋଚନା କରିବା।

ଅନୁବାଦ କରିବା ପୂର୍ବରୁ ପ୍ରତ୍ୟେକ ଅନୁବାଦକକୁ ପରୋକ୍ଷରେ ବା ପ୍ରତ୍ୟକ୍ଷରେ ତିନୋଟି କ୍ଷେତ୍ରରେ ନିଷ୍ପତ୍ତି ନେବାକୁ ପଡ଼େ। ପ୍ରଥମେ ସିଏ କେଉଁ ବହିଟି ଅନୁବାଦ କରିବ ଏବଂ କେଉଁ କାରଣରୁ ତାକୁ ଅନୁବାଦ କରିବ, ସେ ବିଷୟରେ ଏକ ସୁଚିନ୍ତିତ ନିଷ୍ପତ୍ତି ନେବ। ଦ୍ୱିତୀୟରେ କେଉଁ ମୂଳ ଭାଷାରେ ଲେଖା ବହିରୁ ସେ ଅନୁବାଦ କରିବ, ତାହା ସ୍ଥିର କରିବ। ପ୍ରଥମ ନିଷ୍ପତ୍ତି ସହିତ ଆପେ ଆପେ ଦ୍ୱିତୀୟଟି ଯୋଡ଼ି ହୋଇଯାଇଥାଏ। ମୂଳ ବହିଟିର ଉତ୍କର୍ଷ ଏହି ନିଷ୍ପତ୍ତିକୁ ପ୍ରଭାବିତ କରେ। ଅନୁବାଦକ ଯଦି ଶିକ୍ଷାବିତ୍ ହୋଇଥିବେ, ତେବେ ସେ ଛାତ୍ର ପାଇଁ ଉପାଦେୟତା ବା ନୈତିକତା ଦୃଷ୍ଟିରୁ ବହିଟିର ଚୟନ କରିବେ। ଶିକ୍ଷାବିତ୍ ହୋଇ ନ ଥିଲେ ହୁଏତ ମୂଳ ଲେଖାଟି ଦ୍ୱାରା ଅତ୍ୟଧିକ ପ୍ରଭାବିତ ହୋଇଥିବା ଯୋଗୁଁ ବା ତାହାର ଉତ୍କର୍ଷ, ମନୋରଞ୍ଜକ ଗୁଣ ବା ଅନ୍ୟ କୌଣସି ଦୃଷ୍ଟିରୁ ଲେଖାଟି ମୂଲ୍ୟବାନ୍ ମନେ ହେଉଥିବାରୁ ବହିଟିକୁ ବାଛି ତା'ର ଅନୁବାଦ କରିବେ।

ଇତିହାସକୁ ଫେରିଗଲେ ଆମେ ଦେଖୁଯେ, ଆଧୁନିକ ଓଡ଼ିଆ ସାହିତ୍ୟର ବାଲ୍ୟାବସ୍ଥାରେ, ଅନେକ ଇଂରାଜୀ ଅନୁବାଦକ ଧର୍ମପ୍ରଚାର ପାଇଁ ଗୁଡ଼ାଏ ଖ୍ରୀଷ୍ଟିଆନ୍ ଧର୍ମ ସମ୍ପର୍କୀୟ ପୁସ୍ତକକୁ ଓଡ଼ିଆରେ ଅନୁବାଦ କରିଥିଲେ। ଓଡ଼ିଆ ଭାଷାରେ ରଚିତ ବହି ଅନ୍ୟ ଭାଷାରେ ଅନୁବାଦ କରାଯିବାର କ୍ୱଚିତ୍ ଦୃଷ୍ଟାନ୍ତ ଦେଖାଯାଉଥିଲା। ସେ ପ୍ରକାର ନିଷ୍ପତ୍ତି ମଧ୍ୟ ବେଳେବେଳେ ପ୍ରେମ ଦ୍ୱାରା ପରିଚାଳିତ ହୋଇଥିଲା; ଯେମିତି ବଙ୍ଗଳା କବି ନଗେନ୍ଦ୍ରବାଲା ରାଧାନାଥଙ୍କ ପ୍ରେମରେ ପଡ଼ି ତାଙ୍କର କିଛି କବିତା ବଙ୍ଗଳାକୁ ଅନୁବାଦ କରିଥିଲେ। ଫକୀରମୋହନଙ୍କ ବିବିଧ ଅନୁବାଦ ଉପରେ ଦୃଷ୍ଟି ଦେଲେ ଦେଖିବା, ସେ କିପରି ପାଠ୍ୟପୁସ୍ତକର ଆବଶ୍ୟକତା ଅନୁଭବ କରି 'ଭାରତ ବର୍ଷର ଇତିହାସ' ବଙ୍ଗଳାରୁ ଓଡ଼ିଆକୁ ଅନୁବାଦ କରିଥିଲେ ଏବଂ ପରେ ନିଜ ଶଯ୍ୟାଶାୟୀ ପତ୍ନୀଙ୍କ ଦୁଃଖ ଲାଘବ ଉଦ୍ଦେଶ୍ୟରେ 'ରାମାୟଣ', 'ମହାଭାରତ' ଆଦିକୁ ଅତି ସରଳ ଓଡ଼ିଆରେ ଅନୁବାଦ କରିଥିଲେ। ଆଧୁନିକ ଓଡ଼ିଆ ନାଟ୍ୟକାର ଜଗନ୍ମୋହନ ଲାଲା ପର୍ନେଲଙ୍କ 'ହରମିଟ୍' ଓ ଟୋୟେନବୀଙ୍କ 'ଓଡ଼ିଶା ବିଜୟ'କୁ ଇଂରାଜୀରୁ ଓଡ଼ିଆକୁ ଅନୁବାଦ କରିଥିଲେ। ଉଦ୍ଦେଶ୍ୟ ସ୍କୁଲ୍‌ରେ ଓଡ଼ିଆ ପାଠ୍ୟପୁସ୍ତକର ଅଭାବ ପୂରଣ। ଫକୀରମୋହନଙ୍କର ସମସାମୟିକ ଲେଖକମାନେ ଅନେକ ଇଂରାଜୀ କବିତାକୁ ବିନା ଅନୁମତି ଓ ବିନା ସୂଚନାରେ ଓଡ଼ିଆକୁ ନିର୍ବିକାର ଚିତ୍ତରେ ଅନୁବାଦ କରି ପତ୍ରପତ୍ରିକା ବା ପାଠ୍ୟପୁସ୍ତକରେ ସ୍ଥାନିତ କରିଥିଲେ।

ଏଇ ସମୟରେ ଅନୁବାଦର ଉଦ୍ଦିଷ୍ଟ ଭାଷା ପ୍ରାୟତଃ ଓଡ଼ିଆ ଥିଲା। ଅନୁବାଦକମାନେ ଚୟନ କରୁଥିବା ମୂଳ ବହି ପ୍ରାୟତଃ ଇଂରାଜୀ ଓ ସଂସ୍କୃତ ଭାଷାର ଥିଲା। ଅନୁବାଦକମାନେ ଓଡ଼ିଆ ଭାଷାଠାରୁ ଯେଉଁ ଭାଷାକୁ ଉନ୍ନତତର ଭାବୁଥିଲେ, ସେଇ ଭାଷାରୁ ଓଡ଼ିଆକୁ ଅନୁବାଦ କରାଗଲେ ଓଡ଼ିଆ ଭାଷା ସାହିତ୍ୟ ଅଧିକ ଶକ୍ତିଶାଳୀ ହେବ ବୋଲି ସମ୍ଭବତଃ ମନେକରୁଥିଲେ। ଅନୁବାଦର ଗରଜ କ୍ରମେ ବଦଳି ଚାଲେ ଓ ଏଥି ସହିତ କେଉଁ ଭାଷାରୁ କେଉଁ ଭାଷାକୁ ଅନୁବାଦ କରାଯିବ, ସେଇ ନିଷ୍ପତ୍ତି ମଧ୍ୟ ବଦଳେ। ଏପରି ହୁଏଯେ, ଓଡ଼ିଆ ଭାଷାରେ ଲେଖା ଓ ଲେଖକଙ୍କ ସଂଖ୍ୟା ବଢ଼ିଚାଲେ ସତ, କିନ୍ତୁ ଓଡ଼ିଆରୁ ଅନ୍ୟ ଭାଷାକୁ ଅନୂଦିତ ବହି ସଂଖ୍ୟା ଆଦୌ ବଢ଼େ ନାହିଁ। ମୋ' ଜାଣିବାରେ ୧୯୪୦ ବେଳକୁ ରାଧାନାଥଙ୍କର କିଛି କବିତା ବଙ୍ଗଳାରେ, ଫକୀରମୋହନଙ୍କ 'ଲଛମା' ହିନ୍ଦୀରେ ଓ ଏହାର ଅନେକବର୍ଷ ପରେ ସଚ୍ଚି ରାଉତରାୟଙ୍କ ଲେଖା ଇଂରାଜୀରେ ଅନୂଦିତ ହେବା ବ୍ୟତୀତ ଓଡ଼ିଆରୁ ଅନ୍ୟ ଭାଷାକୁ ବେଶୀ କିଛି ବହି ଅନୂଦିତ ହୋଇପାରି ନାହିଁ।

ସ୍ୱାଧୀନତା ପରେ ଅନୁବାଦ ସାହିତ୍ୟର ଚାହିଦା ସହିତ ମୁଦ୍ରଣ ସୁବିଧା ବଢ଼ିଲା ଏବଂ ଅସଂଖ୍ୟ ବହି ଅନ୍ୟାନ୍ୟ ବିଶ୍ୱଭାଷାରୁ ଓଡ଼ିଆକୁ ଅନୂଦିତ ହେଲା। ସମୟ ଆସିଲା, ବିଶେଷକରି ଶୀତଳ ଯୁଦ୍ଧ ସମୟରେ ୟୁଏସ୍ଏସ୍ଆର୍ ପରି କମ୍ୟୁନିଷ୍ଟ ଦେଶର ବହି ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ବହି ଇଂରାଜୀ ମାଧ୍ୟମରେ ଓଡ଼ିଆକୁ ଅନୂଦିତ ହେଲା। କାନାଡ଼ାର ପ୍ରସିଦ୍ଧ ଅନୁବାଦ ବିଶେଷଜ୍ଞ ପଲ୍ ସମ୍ପିଏର୍ ୧୯୬୦ ମସିହାଠାରୁ ୧୯୯୫ ପର୍ଯ୍ୟନ୍ତ ଓଡ଼ିଆ ଅନୁବାଦ ସାହିତ୍ୟର ଏକ ସୁବିସ୍ତୃତ ଚିଠା ପ୍ରସ୍ତୁତ କରିଛନ୍ତି। ଏଥିରେ ଅନ୍ୟ ଭାଷାରୁ ଓଡ଼ିଆକୁ ଅନୂଦିତ ପୁସ୍ତକର ସୂଚନା ଥିବାସ୍ଥଳେ କୌଣସି କାରଣରୁ ଓଡ଼ିଆରୁ ଅନ୍ୟାନ୍ୟ ଭାଷାକୁ ଅନୂଦିତ ପୁସ୍ତକର ସୂଚନା ନାହିଁ। ଭାରତୀୟ ଓ ଆନ୍ତର୍ଜାତିକ ଭାଷାଗୁଡ଼ିକରୁ ଓଡ଼ିଆକୁ ଅନୂଦିତ ହୋଇଥିବା ବହି ସଂଖ୍ୟା ଯଦିଓ ବୃଦ୍ଧି ପାଇଛି, ସେଇ ଅନୁବାଦଗୁଡ଼ିକ କିନ୍ତୁ ମୂଳ ଭାଷାରୁ ଅନୂଦିତ ନା ଇଂରାଜୀ ବା ହିନ୍ଦୀ ମାର୍ଫତ୍‌ରେ ଓଡ଼ିଆକୁ ଅନୂଦିତ ତାଙ୍କ ବିଶ୍ଳେଷଣରୁ ଏକଥା ଜଣାପଡୁ ନାହିଁ। କେବଳ ଜଣାପଡୁଛିଯେ, ଅନ୍ତଃରାଷ୍ଟ୍ରୀୟ ଭାଷାରୁ ଓଡ଼ିଆ ଭାଷାକୁ ଅନୂଦିତ ପୁସ୍ତକ ଅପେକ୍ଷା ଅନ୍ୟାନ୍ୟ ଭାରତୀୟ ଭାଷାରୁ ଓଡ଼ିଆକୁ ବେଶୀ ସଂଖ୍ୟକ ବହି ଅନୂଦିତ ହୋଇଛି। ଏହାର ଗୋଟିଏ କାରଣ ହୁଏତ ଏହାଯେ, ଇତିମଧ୍ୟରେ ନ୍ୟାଶନାଲ ବୁକ୍ ଟ୍ରଷ୍ଟ ଓ ସାହିତ୍ୟ ଏକାଡେମୀର ପ୍ରତିଷ୍ଠା ଏବଂ ସେମାନଙ୍କ ଦ୍ୱାରା ଗୃହୀତ ଅନୁବାଦ ନୀତି। ଲକ୍ଷ୍ୟ କରାଯାଏଯେ, ୧୯୬୦ ମସିହା ପରଠାରୁ ଧୀରେଧୀରେ ଓଡ଼ିଆରୁ ଅନ୍ୟ ଭାଷାକୁ, ବିଶେଷକରି ଇଂରାଜୀ ଓ ହିନ୍ଦୀ ଭାଷାକୁ ଅନୂଦିତ ପୁସ୍ତକ ସଂଖ୍ୟା କ୍ରମଶଃ ବଢ଼ିଚାଲିଛି। ଅପ୍ରିୟ ସତ୍ୟ କହିବାକୁ ଗଲେ, ଏପରି ଭାବେ ଅନୂଦିତ ହୋଇଥିବା ଅନେକ ବହିର ଅନୁବାଦକ ଅନୁବାଦକୀୟ ନିଷ୍ପତ୍ତିର ମହତ୍ ଉଦ୍ଦେଶ୍ୟକୁ ଭୁଲିଯାଇ ଅନେକ ଜୀବିତ ଲେଖକଙ୍କ ଲେଖାର ଅନୁବାଦ କରିଚାଲିଛନ୍ତି। ଯାହା ଅଣଓଡ଼ିଆ ପାଠକଙ୍କ ମଧ୍ୟରେ ଓଡ଼ିଆ ସାହିତ୍ୟର ସ୍ଥିତିକୁ ନେଇ ନାନା ବିଭ୍ରାନ୍ତିକର ଧାରଣା ସୃଷ୍ଟି କରୁଛି। ଅବଶ୍ୟ କାଳିନ୍ଦୀଚରଣ ପାଣିଗ୍ରାହୀ, ଗୋପୀନାଥ ମହାନ୍ତି, ସୀତାକାନ୍ତ ମହାପାତ୍ର, ରମାକାନ୍ତ ରଥ ଏବଂ ପ୍ରତିଭା ରାୟଙ୍କ ଭଳି ଅନେକ ଲେଖକ ଅନୁବାଦ ମାଧ୍ୟମରେ ଭାରତବର୍ଷ ତଥା ବିଦେଶରେ ପ୍ରଶଂସା ପାଇ ଓଡ଼ିଆ ଭାଷାର ମାନ ବର୍ଦ୍ଧନ କରିଛନ୍ତି। ମନୋଜ ଦାସଙ୍କ ପରି ଲେଖକ ନିଜ ଲେଖାକୁ ନିଜେ ଇଂରାଜୀରେ ଅନୁବାଦ ବା ପୁନର୍ବିନ୍ୟାସ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି। କିନ୍ତୁ ଅନ୍ୟ ବହୁ ଉଚ୍ଚମାନର ପୁସ୍ତକ ଏ ଯାବତ୍ ଅନୂଦିତ ହୋଇପାରିନାହିଁ। ଅନୂଦିତ ଓଡ଼ିଆ ଲେଖକଙ୍କ ତାଲିକାରେ କାହ୍ନୁ ଚରଣ ମହାନ୍ତିଙ୍କ ଅନୁପସ୍ଥିତି ମଧ୍ୟ ପୀଡ଼ାଦାୟକ।

ଏଇ ପରିପ୍ରେକ୍ଷୀରେ ଆମେ ଓଡ଼ିଆ ଅନୁବାଦର ସାମ୍ପ୍ରତିକ ରୂପକୁ ବିଶ୍ଳେଷଣ କରିପାରିବା। ଉପନ୍ୟାସର ଦୀର୍ଘତା ପାଇଁ ଅନୁବାଦକମାନେ ପ୍ରାୟତଃ କ୍ଷୁଦ୍ରଗଳ୍ପ ଓ କବିତା ଅନୁବାଦରେ ଆଗ୍ରହ ରଖନ୍ତି। ଅତିବେଶୀରେ ସମାଲୋଚନା କିମ୍ବା ନାଟକ ଆଡ଼କୁ ମନ ବଳାନ୍ତି। କବିତା ଅନୁବାଦ ପାଇଁ ଅନୁବାଦକମାନେ ଭିନ୍ନ ଭାବରେ ନିଜକୁ ପ୍ରସ୍ତୁତ କରିବା କଥା। ତାହା ନ କରି ଓଡ଼ିଆ କବିତାକୁ ମନଇଚ୍ଛା ହିନ୍ଦୀ ବା ଇଂରାଜୀକୁ ଅନୁବାଦ କରିବା ଫଳରେ ଅନୂଦିତ କବିତା ଓଡ଼ିଶା ବାହାରେ ବିଶେଷ ପ୍ରଭାବ ପକାଇ ପାରୁନାହିଁ। ସେ ଯାହା ହେଉନା କାହିଁକି, ଏଇ ଲେଖାର ଶିରୋନାମ ଯେଉଁ ଦୁଇଟି ବହି ଆଡ଼କୁ ଇଙ୍ଗିତ କରାହୋଇଛି, ତା'ର ନାମ ହେଲା, ଅଖିଳ ନାୟକଙ୍କ 'ଭେଦ' ଓ ବିବେକ ଶାନଭାଗଙ୍କ 'ଘାଚର ଘୋଚର'। ପ୍ରଥମଟି ମୂଳଭାଷା ଓଡ଼ିଆରୁ ଇଂରାଜୀକୁ ଓ ଦ୍ୱିତୀୟଟି ମୂଳଭାଷା କନ୍ନଡ଼ରୁ ଓଡ଼ିଆକୁ ଭାଷାନ୍ତର କରିଛନ୍ତି ଯଥାକ୍ରମେ ରାଜକୁମାର ଓ ଶାଶ୍ୱତ ପଣ୍ଡା। ପ୍ରତ୍ୟେକ ଅନୁବାଦକ ନିଜେ ନିଜେ ଯେଉଁ ଅନୁବାଦକୀୟ ନିଷ୍ପତ୍ତି ନେଇଛନ୍ତି, ତାହା ଉପରୋକ୍ତ ଆଲୋଚନା ପରିପ୍ରେକ୍ଷୀରେ ବିଚାର୍ଯ୍ୟ।







ଅନୁବାଦ ଗୋଟିଏ ଶ୍ରମ ଓ ସମୟସାପେକ୍ଷ ବ୍ୟାପାର। ତେଣୁ କୌଣସି ପୁସ୍ତକକୁ ଅନୁବାଦ କରିବା ନିଷ୍ପତ୍ତି ସୁଚିନ୍ତିତ ହେବା ଦରକାର। 'ଘାଚର ଘୋଚର' ବହିଟି ଅନୁବାଦ କରିବା ପଛରେ ଅନୁବାଦକଙ୍କର କ'ଣ କାରଣ ଥାଇପାରେ? ଏମିତି ନୁହେଁ ଯେ ବହିଟି ପ୍ରଥମେ କନ୍ନଡ଼ ଭାଷାରେ ପ୍ରକାଶିତ ହୋଇ ପାଠକମାନଙ୍କୁ ଆକୃଷ୍ଟ କଲା ଓ ଅନ୍ୟାନ୍ୟ ଭାରତୀୟ ଭାଷାରେ ଅନୂଦିତ ହୋଇ ସର୍ବଭାରତୀୟ ସ୍ତରରେ ଆଲୋଚିତ ହେଲା ଏବଂ ଅନୁବାଦକ ତାକୁ ପଢ଼ି ଅନୁବାଦ କରିବାକୁ ଅନୁପ୍ରାଣିତ ହେଲେ। ବରଂ ଏହା ଇଂରାଜୀ ଭାଷାରେ ପ୍ରଥମେ ଅନୂଦିତ ହୋଇ ବିଦେଶରେ ପ୍ରକାଶିତ ହେଲା। କିଛି ପ୍ରବାସୀ ଭାରତୀୟଙ୍କ ପ୍ରଶଂସା ପାଇଲା ପରେ ଏହି ଉପନ୍ୟାସ ବିଷୟରେ ଆମ ଦେଶର କିଛି ବୁଦ୍ଧିଜୀବୀ ଜାଣିଲେ ଓ ଶୁଣିଲେ। ଉପନ୍ୟାସଟିର ସମସ୍ତ ଚରିତ୍ର ଯଦିଓ ସ୍ୱତନ୍ତ୍ର ଭାବେ ପରିକଳ୍ପିତ, କିନ୍ତୁ ସେଗୁଡ଼ିକୁ ବିକଶିତ କରାଯାଇ ନାହିଁ। ମୋତେ ଭଲ ଲାଗିଥିବା ଏକ ଚରିତ୍ର ଜଣେ ଉଏଟର ଭିନ୍‌ସେଣ୍ଟ ବିଷୟରେ ଅନେକ କଥା ଅକୁହା ରହିଗଲା ପରି ମନେହେଲା। କେଉଁକେଉଁ ସ୍ଥାନରେ, ଯେପରିକି ଗଳ୍ପଟିକୁ କହୁଥିବା ଚରିତ୍ର ପରିବାରର ଜଣେ ବୟସ୍କ ସଦସ୍ୟଙ୍କୁ ବୋଝ ଉଠାଇବା ସମୟରେ କୌଣସି ସାହାଯ୍ୟ ସହାନୁଭୂତି ନ ଦେଖାଇବା କିଛିଟା ଖାପଛଡ଼ା ଲାଗିଲା। ଉପନ୍ୟାସଟିକୁ ତରତର ହୋଇ ଲେଖକ ସାରି ଦେଇଥିଲା ପରି ମନେହେଲା। ମୋର କ୍ଷୁଦ୍ର ମତରେ ଓଡ଼ିଆ ଅନୁବାଦରେ ବହିଟି କିଛିଟା ଉପଭୋଗ୍ୟ ହୋଇଥିଲେ ମଧ୍ୟ ଏହାକୁ ଅନୁବାଦ କରିଥିବା ଅନୁବାଦକଙ୍କ ଶ୍ରମ ସାର୍ଥକ ହେଲାପରି ମନେହେଲା ନାହିଁ।

ରାଜକୁମାରଙ୍କ ମୂଳ ପୁସ୍ତକ ଚୟନ ଚମତ୍କାର। ଅଖିଳ ନାୟକ ଦଳିତମାନଙ୍କ ଜୀବନକୁ ନେଇ ଯେଉଁ କ୍ଷୁଦ୍ର ଉପନ୍ୟାସଟି ଲେଖିଛନ୍ତି, ତାହା ଓଡ଼ିଆ ଦଳିତ ସାହିତ୍ୟ ପାଇଁ ସେତିକି ଗୁରୁତ୍ୱପୂର୍ଣ୍ଣ, ଯେମିତି ଫକୀରମୋହନଙ୍କ 'ଛ ମାଣ ଆଠ ଗୁଣ୍ଠ' ଓଡ଼ିଆ ସାହିତ୍ୟର ମୂଲ୍ୟଦୁଆ ପାଇଁ। ଲାଲଟୁ ଗୋଟିଏ ଡମ ସମ୍ପ୍ରଦାୟର ପିଲା, ଯାହାର ବାପା ଜଣେ ସ୍କୁଲ୍ ହେଡ୍‌ମାଷ୍ଟ୍ର। ଲାଲଟୁର ବାପା ମା' ତଥାକଥିତ ଉଚ୍ଚ ଜାତିର ଯାବତୀୟ ଗଞ୍ଜଣା ସହିବାକୁ ରାଜି ଅଛନ୍ତି, କିନ୍ତୁ ଲାଲଟୁ ଧୀରେଧୀରେ ଏହାର ପ୍ରତିବାଦ କରିବା ଆରମ୍ଭ କରୁଛି। ଉପନ୍ୟାସଟି କେବଳଯେ ଦଳିତମାନଙ୍କ ସ୍ୱର ଉତ୍ତୋଳନ କରିଛି ବୋଲି ଆମେ ତାକୁ ଏତେ ବେଶୀ ଗୁରୁତ୍ୱ ଦେଉଛୁ ତା' ନୁହେଁ; ଉପନ୍ୟାସଟିର କଳାତ୍ମକ ମାନ ମଧ୍ୟ ଉଚ୍ଚକୋଟୀର। ଯେକୌଣସି ଓଡ଼ିଆ ପାଠକ ପଢ଼ିଲେ ରାଜକୁମାରଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିବେ ନିଶ୍ଚୟ। ସେମାନେ ଏ କଥାରେ କୌଣସି ଦ୍ୱିରୁକ୍ତି ପ୍ରକାଶ କରିବେ ନାହିଁ ଯେ ଏହା ଏକ ବଳିଷ୍ଠ ଦଳିତ ସ୍ୱର, ଯାହା ଭାରତର ଦୂରଦୂରାନ୍ତରେ ଶୀଘ୍ର ଶୁଣାଯିବା ଆବଶ୍ୟକ। ଏହା ଅନୂଦିତ ହେବା ଜରୁରୀ ଥିଲା ନିଶ୍ଚୟ। କିନ୍ତୁ 'ଭେଦ' ଉପନ୍ୟାସରେ କଥିତ ଓଡ଼ିଆର ଏପରି ପ୍ରୟୋଗ ହୋଇଛି, ଯାହା ହିନ୍ଦୀ କିମ୍ବା ଅନ୍ୟ ଭାରତୀୟ ଭାଷାରେ ଅତି ଚମତ୍କାର ଭାବେ ଅନୂଦିତ ହୋଇପାରିଥା'ନ୍ତା। କିନ୍ତୁ ବହିଟି ଅନୂଦିତ ହୋଇଛି ଇଂରାଜୀରେ। ଫଳରେ ମୂଳ କଥାକାରଙ୍କ ଶାଣିତ ଉଚ୍ଚାରଣ ଇଂରାଜୀରେ କିଛିଟା ଥୁଣ୍ଟା ହୋଇଗଲା ପରି ଲାଗୁଛି। ମୂଳ ଲେଖାର ଅନେକ କଥା ଅଦୃଶ୍ୟ ହୋଇଗଲା ପରି ମନେ ହୁଏ। ଖାଣ୍ଟି ସ୍ଥାନୀୟ କଥିତ ଭାଷାରେ ଲେଖା ହୋଇଥିବା ବାକ୍ୟ ସବୁ ଇଂରାଜୀ ଅନୁବାଦରେ ଫିକା ପଡ଼ିଯାଇଛି ଯଥା: "କଥାରେ ନାଇଁ... ମାନେକ ଧାନର ଡମ ମା'ଜନ... ଯାହା କହ ଶେଠ ଘରେ ଅଡିଅ ହେଇଗଲେ ଡମାମାନେ ଏମିତି ଟିଙ୍ଗାଲୀ ହୁଅନ୍ତି।" ରାଜକୁମାରଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ଇଂରାଜୀ ଅନୁବାଦରେ ଏହାର ତୀବ୍ରତା କ୍ଷୁଣ୍ଣ ହେଉଛି। ଇଂରାଜୀ ଅପେକ୍ଷା ଅନ୍ୟାନ୍ୟ ଭାରତୀୟ ଭାଷାରେ ଏହିଭଳି କଥିତ ଭାଷାକୁ ଅନୁବାଦ କରିବା ଅପେକ୍ଷାକୃତ ସହଜ ହୋଇଥା'ନ୍ତା।

ଦୁଇଟି ଭାରତୀୟ ଭାଷାରେ ନିଜର ଦଖଲ ସାବ୍ୟସ୍ତ କରି ତୃତୀୟ ଭାଷାର (ଇଂରାଜୀ ପରି) ସାହାଯ୍ୟ ବିନା ଗୋଟିକରୁ ଅନ୍ୟଟିକୁ ଅନୁବାଦ କରିବା ଭଳି ଲେଖକ ଭାରତୀୟ ଭାଷାରେ ଖୋଜିଲେ କେଇଜଣ ବା ମିଳିବେ। ଫଳରେ ଅନୁବାଦ ତିନିହାତିଆ ହୋଇ ମୂଳ କୃତିଠାରୁ ଖୁବ୍ ଦୂରବର୍ତ୍ତୀ ହୋଇଯାଉଛି। ତେବେ ଖୁସିର କଥାଯେ ଆମେ ଏହାର ଏକ ବ୍ୟତିକ୍ରମ ଦେଖୁଛୁ 'ଘାଚର ଘୋଚର' କ୍ଷେତ୍ରରେ; କାରଣ, କନ୍ନଡ଼ରେ ଲିଖିତ ଏହି କ୍ଷୁଦ୍ର ଉପନ୍ୟାସଟି ହିନ୍ଦୀ ଅନୁବାଦକଙ୍କୁ ମିଶାଇ ଅତି କମ୍‌ରେ ଆଉ ପାଞ୍ଚୋଟି ଭାରତୀୟ ଭାଷାର ଅନୁବାଦକ "ଦୁଇଟି ଭାରତୀୟ ଭାଷା ଉପରେ ନିଜର ଦଖଲ ସାବ୍ୟସ୍ତ କରି ତୃତୀୟ ଭାଷାର (ଇଂରାଜୀ ପରି) ସାହାଯ୍ୟ ବିନା ଗୋଟିକରୁ ଅନ୍ୟ ଦୁଇଟିକୁ ଅନୁବାଦ କରିଛନ୍ତି" ସିଧାସଳଖ। ଏଇ ଦୃଷ୍ଟିରୁ ଓଡ଼ିଆ ଭାଷାର ଦୁର୍ଭାଗ୍ୟ ଯେ ଶାଶ୍ୱତ କନ୍ନଡ଼ ଜାଣି ନ ଥିବାରୁ ବହିଟିକୁ ହିନ୍ଦୀରୁ ଓଡ଼ିଆକୁ ଅନୁବାଦ କରିବା ସହଜ ମନେ କଲେ। ମୂଳ ଲେଖକ ବିବେକ ଶାନଭାଗଙ୍କ ମତ ହେଲା– ଇଂରାଜୀ ଅନୁବାଦଟି ହିନ୍ଦୀ ଅନୁବାଦ ଅପେକ୍ଷା ମୂଳ ଲେଖାର ଅଧିକ ନିକଟତର ହୋଇପାରିଛି। ଏଇ ମତ ଯେ ଦକ୍ଷିଣ ଭାରତୀୟଙ୍କ ହିନ୍ଦୀ ବିରୋଧୀ ଓ ଇଂରାଜୀ ପକ୍ଷପାତିତ୍ୱ ଧାରଣା ଦ୍ୱାରା ପ୍ରଭାବିତ ହୋଇ ନ ଥିବ, କହି ହେବ ନାହିଁ।

*ପ୍ରଫେସର ଇଂରାଜୀ (ଅବସରପ୍ରାପ୍ତ),*
*ବସନ୍ତକୁଞ୍ଜ, ନୂଆଦିଲ୍ଲୀ*

## ଦୁଇଟି କବିତା

### ୧।। ସେତୁ

**ଅଜ୍ଞେୟ**

ଯିଏ ସେତୁ ତିଆରି କରିବ
ସେ ନିଶ୍ଚୟ ପଛରେ ରହିଯିବ।
ସେନା ସେତୁ ପାରେଇ ଯିବେ।
ରାବଣର ମୃତ୍ୟୁ ହେବ।
ରାମ ବିଜୟୀ ହେବେ।
ଆଉ ଯେଉଁମାନେ ସେତୁ ନିର୍ମାଣ କରିଥିବେ
ଇତିହାସରେ ସେମାନଙ୍କୁ ମାଙ୍କଡ଼ କୁହାଯିବ।

***

[ଅଜ୍ଞେୟ (ସଚ୍ଚିଦାନନ୍ଦ ହୀରାନନ୍ଦ ବାତ୍ସାୟନ: ୧୯୧୧–୧୯୮୭) ଏକାଧାରରେ ଜଣେ ଲେଖକ, କବି, ପ୍ରାବନ୍ଧିକ, ସମାଲୋଚକ, ଅନୁବାଦକ ଏବଂ ସାମ୍ବାଦିକ ଥିଲେ। ହିନ୍ଦୀ ଆଧୁନିକ କବିତାରେ ପ୍ରୟୋଗବାଦର ପଥିକୃତ ମାନ୍ୟତା ଦିଆଯାଏ ତାଙ୍କୁ। ହିନ୍ଦୀ ଏବଂ ଇଂରାଜୀ ଉଭୟ ଭାଷାରେ ସମାନ ଭାବେ ଦକ୍ଷ ଥିଲେ ସେ। ହିନ୍ଦୀ ସମ୍ବାଦପତ୍ର 'ନବଭାରତ ଟାଇମ୍ସ'ର ଥିଲେ ମୁଖ୍ୟ ସମ୍ପାଦକ।]

### ୨।। ଭାଗବାଣ୍ଟ

**ହୁବନାଥ ପାଣ୍ଡେ**

ଗାନ୍ଧୀଙ୍କ ଦେହାନ୍ତ ପରେ
ତାଙ୍କ ଚଷମାଟାକୁ ନେଲେ ଅନ୍ଧ ଜନତା।
ଘଡ଼ିଟାକୁ ଇଂରେଜ ନେଇଗଲେ
ତାଙ୍କ ଧୋତି ଆଉ ମୂଲ୍ୟବୋଧ
ଚିତାରେ ତାଙ୍କ ଦେହ ସହ ଜଳିଗଲା।
ଗାନ୍ଧୀ–ପ୍ରେମୀମାନେ ପାଇଲେ ରାଜଘାଟ।
ଗାନ୍ଧୀଙ୍କ ତିଆରି ସଂସ୍ଥାଗୁଡ଼ିକ ପାଇଲେ ତାଙ୍କ ଆତ୍ମକଥା।
ତାଙ୍କ ବାଡ଼ିଟିକୁ ନେଲେ ନେତାମାନେ,
ଆଉ ସେଇଥିରେ ସେମାନେ ଦେଶ ଚଲେଇବାକୁ
ଠିକ୍ କରିନେଲେ।
ଗାନ୍ଧୀଙ୍କୁ ଆଦୌ ନ ପଚାରି
ତାଙ୍କୁ ଆମେ
ନିଜନିଜ ହିସାବରେ ବାଣ୍ଟି ନେଲୁ।

***

[**ହୁବନାଥ ପାଣ୍ଡେ** ମୁମ୍ବାଇ ବିଶ୍ୱବିଦ୍ୟାଳୟର ହିନ୍ଦୀ ଅଧ୍ୟାପକ। 'ଲୋୟର ପରେଲ୍' ଶୀର୍ଷକ କବିତା ପୁସ୍ତକ ପ୍ରକାଶିତ। ସମାନ୍ତରାଳ ସିନେମା ଉପରେ ବହି ଲେଖିଛନ୍ତି। ପ୍ରକୃତିପ୍ରେମୀ। ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ପରିସରରେ ଲଗେଇଛନ୍ତି ୨୦ ହଜାରରୁ ଊର୍ଦ୍ଧ୍ୱ ଗଛ।]

**(ମୂଳ ହିନ୍ଦୀରୁ ଓଡ଼ିଆ ଅନୁବାଦ : ମୃଣାଳ)**
**ସଂଚାର ମାର୍ଗ, ଢେଙ୍କାନାଳ**

## ଭାତ ଓ ଭୋକ

**ସୌଭାଗ୍ୟବନ୍ତ ମହାରଣା**

ଭୋକର ଭଉଁରି ଭିତରେ
ଜୀବନ୍ତ କଙ୍କାଳର ନୀରବ ନାଚ
ମୁଠେ ଭାତର ମହକରେ
ମୃତ୍ୟୁର କଳାହସରେ ଫୁଟି ଉଠେ
ଜୀବନର ମୃଦୁରାସ!

ଭୋକଠାରୁ ଭାତର ଦୂରତା
ଯୋଜନ ଯୋଜନ...
ଜୀର୍ଣ୍ଣଶୀର୍ଣ୍ଣ ଲୋକଟିର
ଆଦିମ କଙ୍କାଳ ନାଚେ
ଅପଲକ ଶାସ୍ତ୍ରୀୟ ମୁଦ୍ରାରେ
ଶୁଣି ଶୁଣି କ୍ଷୁଧାର ଦାରୁଣ ବଂଶୀସ୍ୱନ।
ଥୁଂଟା ଗଛରେ ପକ୍ଷୀର ବସା ଭଳି
ଭାତର ଅପଢ଼ା ଅକ୍ଷର ଭିତରେ
ଭୋକର ଅସହାୟ ରୂପକଳ୍ପ।
ଭାତ ଭିତରେ ଭୋକର ଦ୍ରୋହ
ଗାଢ଼ ହେଉଥାଏ ରକ୍ତର ଅଣୁରେ ଅଣୁରେ।

ଫଟା ମାଟିର ଗୀତ ଶୁଣୁଥିବା
ଅରଣା ମଇଁଷି ଜାଣେ
ଦୁର୍ଭିକ୍ଷର ଦଦରା ନାଆରେ
କେମିତି ପାରି ହେବାକୁ ପଡ଼େ
ମଲା ନଈର ପଂଜରା–ହାଡ଼ ସୁଅକୁ
ଗଣିଗଣି ନିସ୍ତରଙ୍ଗ କଳା ସମୁଦ୍ରରେ
ନିଜର ଶେଷ ଠିକଣା ଠାବ କରିବାକୁ।।

**–ଭାରତୀ ଭବନ, ଶିବମ୍ କଲୋନୀ,**
**ଆୟକର ଭବନ ପଛ, ସମ୍ବଲପୁର**

## ଲୁହ

**ସ୍ନେହଲତା ପୃଷ୍ଟି**

ଅସହାୟତାର
ଅନ୍ୟ ନାଁ ଲୁହ...
କେବେକେବେ ଏଇ ଲୁହ
ଛାତିକୁ ପଥର କରିବା ଶିଖାଏ
ଦେଖେଇ ଦିଏ
ପ୍ରିୟ ମଣିଷକୁ ହରେଇ
ଏକାଏକା ବାଟ ଚାଲିବା।

କିଛି କଥା କିଛି ବ୍ୟଥାକୁ
ଛାତି ଭିତରେ ଚାପୁଚାପୁ
ଅଜାଣତେ ଝରିଯାଏ ଶେଯରେ
ତ କେବେ ଗୋଟେ
ସମ୍ଭାବନା ହୋଇ ଶୁଖିଯାଏ ତନୁ
କାହାର ବାଟ ଚାହିଁ
ଥକି ଯାଇଥିବା ଆଖିରେ।

ଲୁହ! ରଂଗ ସିନା ଗୋଟେ
ରୂପ ତା'ର ଅଲଗା
କେବେ କୁଆଁରୀ ଆଖିରେ
ସ୍ୱପ୍ନ ହୋଇ ଝରେ
ତ କେବେ ବିରହିଣୀ
ରାତି ଉଜାଗର କରେ
କେବେ ପୁଣି ବିଶ୍ୱାସ ହରେଇଥିବା
ମଣିଷକୁ
ଭାବନାରେ ଜାଳିପୋଡ଼ି ମାରେ।

ଲୁହ!
ଦୁଃଖରେ ତା' ଭୂମିକା ଅଲଗା
ସୁଖରେ ବି...
ଦୁଃଖରେ ଲୁଚିଲୁଚି ପୋଛି ହୋଇଯାଏ
ପଣତରେ
ତ ସୁଖରେ
ଠପ୍‌ଠପ୍ ଝରିପଡ଼ି
ବୋକଦିଏ ଗାଲରେ।

ଲୁହକୁ ବାଦ୍‌ଦେଇ ଜୀବନ ଅଛି କି!!

**– ଚନ୍ଦ୍ରଶେଖରପୁର, ଭୁବନେଶ୍ୱର**

ବିଶେଷ ଗଳ୍ପ

# ବହୁବର୍ଣ୍ଣା

ଦେବାଶିଷ ସାମନ୍ତରାୟ

ସେ ଇତୁ ଆଉ ଆଗକୁ ଯାଇପାରିବା ତା' ଦେଇ ହେବନାହିଁ, ଭାବିଲା ବାନାମ୍ବର। ଭାବି ଦେଲା କ୍ଷଣି ଓହ୍ଲେଇ ପଡ଼ିଲା ସେ ସାଇକେଲରୁ।

ସାଇକେଲକୁ ଚାହିଁଲା ସେ। ନା, ତା'ର କିଛି ଦୋଷ ନାହିଁ। ନଡ଼ିଆ ତେଲରେ ପୋଛା ହୋଇ ଯେମିତି ଚିକ୍‌ଚିକ୍ କରେ ଆଜି ବି କରୁଛି। ଚେନ୍ ଖସିନି। ଚକାରେ ପବନ କମିନି। ସାଇକେଲ ବେଇମାନି କରିନି। ସାଇକେଲ ଠିକ୍ ଅଛି। ନଚେତ୍ ସେ ଏବେ ଗାଳି କରିଥା'ନ୍ତା ଅଭାଷା ଭାଷା କହି ଓ ମନସ୍ତାପ କରିଥା'ନ୍ତା।

ଦୋଷ ତେବେ କେଉଁଠି ?

ଯଦି ସାଇକେଲ ଆଗକୁ ଯାଇପାରୁନି ଓ ଚାଳକ ରୂପେ ସେ ନିଜେ, ଦୋଷ କେବଳ ତା' ନିଜର।

ନା, ଦୋଷ ମୋର କେମିତି ହେବ ? ସେ ପାଲଟା ପ୍ରଶ୍ନ କଲା ନିଜକୁ। ମୁଁ ତ ପେଡାଲ ମାରିବାକୁ ଚେଷ୍ଟା କରିଛି ସବୁଦିନ ପରି। ପେଡାଲ ମାରି ହୋଇନି। ତା' ମାନେ ପେଡାଲ ମାରିବାକୁ ଯେତିକି ଶକ୍ତି ଦରକାର, ମଝିରେ କେଉଁଠି ହଡ଼ପ ହୋଇଯାଇଛି।

ହଡ଼ପ କଲା କିଏ ? ତା' ଚାରିପାଖର ଅନେକ ବାସ୍ତବ ଚରିତ୍ର, ସ୍ଥାବର ଅସ୍ଥାବର ସମ୍ପତ୍ତି ଆଉ ତାକୁ ନାନା ହଇରାଣ ହରକତ କରୁଥିବା ବ୍ୟବସ୍ଥା ତା'ର ଆଖି ଆଗରେ ଝଲସି ଯାଉଛନ୍ତି; ଚଳଚ୍ଚିତ୍ରର ଦୃଶ୍ୟ ପରେ ଦୃଶ୍ୟ ଚାଲିଯାଉଥିବା ପରି।

ସେ ଚଦି ହେଲା– ଶଃ, ଛାଡ଼ିବିନି। ବିଦ୍ରୋହୀ ମୁଁ। ପାଏ ପାଏ କରି ହିସାବ ନେବିରେ ତୁମମାନଙ୍କଠାରୁ।

ବାନାମ୍ବର ଦରମା ପାଉନି ବୋଲି ଯେତିକି ମନଦୁଃଖରେ ରହୁଥିଲା, ତା'ଠୁ ଅଧିକ ଦୁଃଖୀ ହୋଇଗଲା ଓ ନିରୋଳା ଜାଗାଟିଏ ଦେଖି କଇଁକଇଁ ହୋଇ କାନ୍ଦିଉଠିଲା।

ପିଲାଦିନେ ତା' ସାଥିରେ ପଢୁଥିବା ସାଙ୍ଗମାନେ କିଏ କିରାଣି ଚାକିରି ପାଇଲା ତ କିଏ ପାନଦୋକାନ ଦେଲା, କିଏ ହେଇ ହେଇ ପ୍ରାଇମେରୀ ସ୍କୁଲ୍‌ମାଷ୍ଟର ତ କିଏ ଭୁବନେଶ୍ୱରରେ ପାଣିପାଇପ ମିସ୍ତ୍ରି ତ କିଏ ସୁରଟର ସୂତାକଳରେ, ଏମାନଙ୍କୁ ଦେଖି, ବାନାମ୍ବରକୁ ତା' ନୂଆ ଅଧ୍ୟାପକ ଚାକିରି ନେଇ ବହୁତ ଗର୍ବ ହେଉଥିଲା।

ଖାଇବାକୁ ନିଅଣ୍ଟ ଧରୁଥିଲା।

ସବୁଠୁ ଅସୁବିଧା ଥିଲା ତା'ର ପରିଚୟ।

ସମସ୍ତେ ଜାଣିଲେ ସେ ଓଡ଼ିଆ ବିଭାଗର ଅଧ୍ୟାପକ। ଅର୍ଥାତ୍ ସେ ଗଣିତ, ବିଜ୍ଞାନ କି ଇଂରାଜୀ ଟିଉସନ୍ କରି ଦୁଇପଇସା ରୋଜଗାର ବି କରିପାରିବନି। ସେ ହସ୍ପିଟାଲ ଆଡ଼େ ଘୂରି ଆସିଲା ଦଲାଲି କରିବା ପାଇଁ। ପ୍ରଥମ ରୋଗୀକୁ ହସ୍ପିଟାଲରୁ ଭଗେଇ ଡାକ୍ତରଙ୍କ ଘରୋଇ କ୍ଲିନିକ୍‌କୁ ନେଇ ଆସିଲାବେଳେ, ରୋଗଣୀ ସ୍ତ୍ରୀ ଲୋକଟିର ସ୍ୱାମୀ କହିଲା– ଆପଣ ବାନାମ୍ବର ସାର୍ ତ।

ବାନାମ୍ବର ଚମକିପଡ଼ିଲା। ଏଇ ସାର୍ ଶବ୍ଦ! ଅଷ୍ଟକିଳା ହୋଇ ଘୂରିବୁଲୁଛି ମୋ' ପଛେ ପଛେ।

– ସାର୍, ସିଏ କହୁଛି ଆପଣ ତାକୁ କଲେଜରେ ଓଡ଼ିଆ ପଢ଼ଉଥିଲେ। ଆପଣ ଏତେ ଭଲ ପଢ଼ାନ୍ତିଯେ ବହୁତ ପିଲା ଓଡ଼ିଆ ଅନର୍ସରେ ପଢ଼ନ୍ତି କେବଳ ଆପଣଙ୍କ ଯୋଗୁଁ।

ବାନାମ୍ବର ନିଜକୁ ଚାହିଁଲା। ଆଉ କିଛି ନ କହି ସାଇକେଲ ଧରି, ହସ୍ପିଟାଲର ବିପରୀତ ଦିଗରେ ମୁହାଁଇଲା। ସେଇଦିନଠୁ ସେ ଆଡ଼କୁ ଯାଇନି ସେ।

ବାନାମ୍ବର ଯା' ଭିତରେ ସାପବିଷ ଝଡ଼େଇବା ଶିଖିଯାଇଥିଲା। ସେ ପ୍ରଥମେ ଯାହାକୁ ଦେଖିଲା, କହିଲା– ବିଷ ଝଡ଼େଇବା ମୋତେ ଆସେ। ଅନେକଗୁଡ଼ିଏ ସାପକାମୁଡ଼ା ଓ ବିଷଝଡ଼ା କଥାସବୁ ସେ ବଢ଼ିଆ ଢଙ୍ଗରେ କହୁଥିଲା, ଯେଉଁଠି ଗୁଡ଼ିଏ ଲୋକ ଜମା ହେବାର ଦେଖିଲେ। ଲୋକମାନେ ବି ଆଗ୍ରହ ସହକାରେ ଶୁଣୁଥିଲେ।



ଦିନେ ଦୁଇଜଣ ସାଙ୍ଗ ମୋଟରସାଇକେଲରେ ଯିବା ବାଟରେ ଟ୍ରେନ୍ ଲାଇନ୍‌ର ଲେଭଲ କ୍ରସିଂରେ ଫାଟକ ପଡ଼ିଥିବାରୁ କିଛି ସମୟ ଅଟକିଲେ। ଫାଟକ ଖୋଲିବା ଆଗରୁ ହଠାତ୍ ପଛରେ ବସିଥିବା ଲୋକଟି ଉପରେ ପଡ଼ିଲା ଶୂନ୍ୟରୁ ଏକ ସାପ, ଉପରେ ଉଡ଼ିଯାଉଥିବା ଚିଲର ଚଞ୍ଚୁରୁ ଖସିପଡ଼ିଥିବା ସାପଟିକୁ ପୁଣି ଝାମ୍ପିନେଇଗଲା ଚିଲ, ମାତ୍ର ଆଘାତପ୍ରାପ୍ତ ସାପଟିର ଦଂଶନରେ ମରିଗଲା ଲୋକଟି। ମୃତ୍ୟୁ କେତେ ଭୟଙ୍କର ଆଉ ଜୀବନ ସହିତ ଲଗାଲଗି ହୋଇ ରହିଥାଏ।

ବାନାମ୍ବରର ଏଇ ସାପଗପରେ ଶ୍ରୋତାମାନେ ଚମକିପଡ଼ିଲେ। ସତରେ ଜୀବନଟା ପାଣିଫୋଟକା ଭଳି। ବାନାମ୍ବର ଆହୁରି ଚମକେଇଦେଲା– ଯଦି ମୁଁ ସେଇଠି ଥାଆନ୍ତି, ସେ ଲୋକର ଦୁର୍ଦ୍ଦଶା କ'ଣ ଏପରି ହୋଇଥାଆନ୍ତା !

ଲୋକମାନେ ଆବାକାବା ହୋଇ ଅନେଇ ରହିଲେ– ଆପଣ ?

– ହଁ, ମୁଁ। ମୁଁ ହିଁ ସାପବିଷକୁ କେଇଟା ମୁହୂର୍ତ୍ତରେ କାଢ଼ି ଦେଇଥା'ନ୍ତି। ସତକୁ ସତ କିଛିଦିନ ପରେ ଶୁଣାଗଲା– ସାପବିଷ ଝାଡ଼ିବାରେ ବାନାମ୍ବର ମାଷ୍ଟ୍ରେ ଧୁରନ୍ଧର। କାହାକୁ ମନ୍ତ୍ର ଫୁଙ୍କି, ଶହେ ଆଠ ଗରା ପାଣି ଢାଳି ତ କାହାରିକୁ ଗଦ ଖୁଆଇ ବ୍ରହ୍ମଚାପୁଡ଼ା ମାରି ଭଲ କରିଦେଉଛନ୍ତି।

କିଛି ରୋଜଗାର ସହିତ ଖ୍ୟାତି ବଢ଼ିଲାବେଳକୁ କଲେଜ ମ୍ୟାନେଜମେଣ୍ଟ ତାଙ୍କୁ ଡାକି ତାଗିଦ୍ କଲା– ଆପଣଙ୍କୁ ଯଦି ଏ ଚାକିରି ଭଲଲାଗୁନି, ତେବେ ଛାଡ଼ିଦିଅନ୍ତୁ। ମାତ୍ର ଏଇଠି ଚାକିରି କରି ଲୋକମାନଙ୍କର ଦୁର୍ଲଭ ଜୀବନ ସହିତ ଖେଳନ୍ତୁନି କିଛିଟା ଅର୍ଥ ଲାଳସାରେ।

ବାନାମ୍ବର କଲେଜ ଚାକିରି ଛାଡ଼ିପାରିବନି। ଏକଥା ସେ ବୁଝେ, ମୀନା ଜାଣେ। ପରିବାର ଲୋକ ଜାଣନ୍ତି।

ବାନାମ୍ବର ଚାରିଆଡ଼କୁ ଆଉଥରେ ନଜର ବୁଲେଇ ଆଣିଲା। କିଏ ଦେଖୁନି ତ ତା'ର ଏ ଦୁର୍ଦ୍ଦଶାକୁ। କେହି ତାକୁ ଆକଳନ କରୁନି ତ !

ତୋ– ସେ ମନେମନେ କହିଲା।

ପନ୍ଦର ବର୍ଷ ତଳେ ତା'ର ଏଇ ହାନିମାନିଆ ଅବସ୍ଥା କିଏ ଦେଖିଥିଲେ, କି କାହା ନଜରକୁ ଆସିଥିଲେ ହୁଏତ ସେ ହୋଇଥା'ନ୍ତା ଲୋକହସା। ଆଉ ଏବେ ତାକୁ ନେଇ ଯିଏ ଯାହା ଭାବୁଛି ଭାବୁ, ତା'ର ଖାତିର ନାହିଁ, ବରଂ ତା'ର ସ୍ୱଚ୍ଛଳତାର ପ୍ରମାଣ ଯେତେ ଦେଲେ ବି କେହି ବିଶ୍ୱାସ କରିବେନି।

'ମୀନା', ଯୋଉ ଶବ୍ଦ ଉଚ୍ଚାରଣ କଲେ କିଛିଦିନ ଆଗରୁ ସେ ଶିହରିତ ହେଉଥିଲା, ଯିଏ ଏବେ ଜଣେ ଏନ୍.ଏ.ସି. ଅଫିସ୍‌ରେ ସ୍ୱଳ୍ପ ବେତନଭୋଗୀ କିରାଣି ତା' ଉପରେ ରଖିଥିବା ସମସ୍ତ ଆଶା ତୁଟେଇ, ବିଶ୍ୱାସର ବନ୍ଧ ଭାଙ୍ଗିଦେଇ ବାନାମ୍ବରକୁ ଚମକେଇ ଦେଇଥିଲା– ବୁଝିଲ ବାନାମ୍ବର, ତୁମର ଏ ଘରୋଇ ଅଧ୍ୟାପକ ଚାକିରିରେ ସରକାରୀ ବେତନ ପାଇବା ଆଶାରେ ନିଜର ଯୌବନଟା ବଳିଦେଇ ସାରିବା ପରେ, ଯଦି ତାହା ଦୋକାନଟିଏ କି ଚାଟ୍ ଦୋକାନଟିଏ କରି ଜୀବନ ପୋଷିବା ଆଶା କରି ନ ପାରି ପୁଣି ଯଦି ଦଦରା ସାଇକେଲ ପେଲି କଲେଜ ଯିବା ଶ୍ରେୟସ୍କର ମନେକରୁଛ, ଜାଣ ତୁମେ ଜଣେ ବୁଡ଼ବକ, ନିଜର ବୋଲି ତୁମର କିଛି ନାହିଁ। ମୋ' କଥା ଆଉ ଆଶା କରନା। ମୁଁ ମୋ' ବାଟ ଧରିଲି।

ସକାଳର ସୂର୍ଯ୍ୟୋଦୟ ତା' ପାଇଁ ସାମାନ୍ୟ ନୁହେଁ ବରଂ ଏକ କର୍ମମୟ ଜୀବନର ସ୍ୱାଗତ ପରି ମନେହେଉଥିଲା। ବାପା ବଞ୍ଚିଥିଲାବେଳେ ପୁଅ ଅଧ୍ୟାପକ ବୋଲି ଗର୍ବ କରୁଥିଲେ ସାଙ୍ଗ ସହୋଦରମାନଙ୍କ ଆଗରେ। ଏବେ ବାନାମ୍ବରର ବେରୋଜଗାରୀ ଅବସ୍ଥା ଦେଖି କହିଥା'ନ୍ତେ– ଛେଃ ! ପିଲାଟା କିଛି କରିପାରିଲାନି। ଜୀବନଟାକୁ ଅଚିରେ ମହାନଦୀରେ ବୁଡେଇ ଦେଲା।

ପ୍ରକୃତରେ ସେ ଅଧିକ କିଛି ଜାଣୁଥିଲା, କ'ଣ ସବୁ ହେଉଛି ତା' ଚାରିପଟେ ଓ ତା'ର ଏଇ ସମୟରେ କ'ଣ କରିବା ଉଚିତ। ତଥାପି ସେ କିଛି କରିପାରୁ ନ ଥିଲା। କାରଣ ତା' ବେକରେ ଦୁଇଟି ଅଦୃଶ୍ୟ ପଖଣ ଡେମୋକ୍ଲିସର ଖଡ଼ଗ ପରି ଝୁଲୁଥିଲା। ବୟସ ଅଧିକ ହୋଇଥିବାରୁ ଏ ଚାକିରି ଛାଡ଼ିଦେଲେ ଅନ୍ୟତ୍ର କରିବାର ସମ୍ଭାବନା ଜମାରୁ ନ ଥିଲା। ଏ ଚାକିରିରେ ରହିଲେ ବି ସରକାରୀ ମଞ୍ଜୁରୀ ମିଳିବାର କୌଣସି ସମ୍ଭାବନା ନ ଥିଲା।

ସେ କ'ଣ କରିବ ଜାଣିବାକୁ କୌଣସି ବାଟ ମିଳୁ ନ ଥିଲା। ତଥାପି ସେ ଖୋଜି ହେଉଥିଲା ଏ ଜୀବନ ଝଞ୍ଜାକୁ ପାରି ହେବାପାଇଁ ବାଟଟିଏ। ଏ କଲେଜ ସହ ସେ ମାନସିକ ଭାବେ ବାନ୍ଧି ହୋଇଯାଇଥିଲା, କିନ୍ତୁ ଏଥିରୁ ମିଳୁଥିବା ରୋଜଗାର ତା'ର ସାଇକେଲଟିକୁ ମରାମତି କରିବା, ପ୍ୟାଣ୍ଟଶାର୍ଟ ଦି'ହଳ ତିଆରି କରିବା କି ହୋଟେଲରେ ଜଳଖିଆ

ତାକୁ ବୁଝାନ୍ତି– କ'ଣ ମିଳୁଚି ଏମିତି ମାଗଣା ଖଟିବାରେ। ବାଳ ପାଚିଗଲାଣି। କିଛି ଗୋଟିଏ ଧନ୍ଦା କଲେ ବି ନିଜ କଥା ବୁଝିପାରନ୍ତୁ। ପୁଣି ଏବେ ଦଶରୁ ପାଞ୍ଚ ଯାଏଁ ରହିବା ସାଙ୍ଗକୁ ବାୟୋମେଟ୍ରିକ୍‌ରେ ଟିପଚିହ୍ନ। ଚୋର–ପୋଲିସ୍ ପରିକା ଖେଳ। ଛାଡ଼ିଦେ।

ବାନାମ୍ବର ହସେ। ସେ ହସର ଅର୍ଥ ସେ ହିଁ କେବଳ ବୁଝେ। ଗୋଟିଏ ବ୍ୟବସ୍ଥାର ଚକ୍ରଜାଳରେ ସେ ଫଡ଼ଫଡ଼ ହେଉଥିବା ଏକ ମାଛ ମାତ୍ର। ଯା'ର ଜୀବନର, ଭଲମନ୍ଦର କିଛି ମୂଲ୍ୟ ନାହିଁ। କାହାର ଯୋଜନାର ଅଂଶ ମାତ୍ର।

ଭୁ ଭୁ ବର୍ଷା କାଟୁଥିଲା। ଜେଜେବାପାଙ୍କ ପୁରୁଣା ଛତାକୁ ଖୋଜିଲା ସିଏ। ସେଇ ଛତାକୁ ଗୋଟିଏ ହାତରେ ଧରି, ଆର ହାତରେ ସାଇକେଲର ଗୋଟିଏ ହ୍ୟାଣ୍ଡେଲକୁ ଧରି ସେ ପୁଣି କଲେଜ ବାହାରିଲା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରେଇ।

ଜେଜେବାପାଙ୍କ ଛତା ଧରିଲେ ତାକୁ ଲାଗେ ତା' ସହ ଛତା ନୁହଁ, ଜେଜେବାପାଙ୍କ ଆଶୀର୍ବାଦର ହାତଟି ଅଭୟ ପ୍ରଦାନ କରୁଛି। ସେ ସମୟରେ ସେ ଯମୁନା ପାର ହେଉଥିବା ବସୁଦେବ ନନ୍ଦନ ଯାହା ଉପରେ କାଳୀୟ ସର୍ପର ଫଣା ଅବିରତ ସୁରକ୍ଷା ପ୍ରଦାନ କରିଆସୁଛି, ସେ ସମୟତକ କେବଳ ହିଁ ତା'ର। ସୁଉଦୁ ତା'ର।

–ସିଡିଏ, କଟକ

# ୨୦୧୯: ଫେରି ଚାହିଁଲେ...



**ପ୍ରିୟ ପାଠିକାପାଠକ/ଲେଖିକାଲେଖକ!**

ଚାହୁଁଚାହୁଁ ବର୍ଷଟିଏ ସରିଗଲା, ଆସିଲା ନୂଆବର୍ଷ। ୨୦୨୦ରେ ପାଦ ଥାପି ପଛକୁ ଫେରି ଚାହିଁଲେ ସାହିତ୍ୟଜଗତରେ ଘଟିଯାଇଥିବା କେତେ ସୁଖଦୁଃଖ ସ୍ମୃତିକୁ ଆଚ୍ଛନ୍ନ କରେ। 'ସାହିତ୍ୟାୟନ' ସେ ସବୁର ଏକ ବିଶ୍ୱସ୍ତ ଟିପାଖାତା।

ବିଦାୟୀ ବର୍ଷର 'ସାହିତ୍ୟାୟନ' ପୃଷ୍ଠାରେ ସୃଜନଜୀବନର କଥା ମନଖୋଲି କହିଛନ୍ତି ବହୁ ପ୍ରଖ୍ୟାତ ଲେଖକ, ଯେଉଁମାନଙ୍କ ମଧ୍ୟରେ ଅଛନ୍ତି ମନୋଜ ଦାସ, ଶଙ୍ଖ ଘୋଷ, ଶାନ୍ତନୁ କୁମାର ଆଚାର୍ଯ୍ୟ, ଗଗନେନ୍ଦ୍ରନାଥ ଦାଶ ଓ ସୁବୋଧ ସରକାର। କବି ସଚ୍ଚି ରାଉତରାୟଙ୍କର ଏକ ବହୁ ପୁରୁଣା, ଅପ୍ରକାଶିତ ସାକ୍ଷାତ୍‌କାର ଆମକୁ ମିଳିଛି। ଆଂଟନ ଚେକଭ୍ ଓ ବନଫୁଲଙ୍କ ପରି କଥାକାରଙ୍କ ଗଳ୍ପ ଏବଂ ଅଟଳ ବିହାରୀ ବାଜପେୟୀଙ୍କ କବିତାର ଅନୁବାଦ ସାଙ୍ଗକୁ 'ସ୍ମରଣୀୟ ପୃଷ୍ଠା'ରେ କାଳିନ୍ଦୀଚରଣ ପାଣିଗ୍ରାହୀ, ରାଜକିଶୋର ରାୟ, ନନ୍ଦିନୀ ଶତପଥୀ ଓ ରାମଚନ୍ଦ୍ର ବେହେରାଙ୍କର କାଳଜୟୀ ଗଳ୍ପ ପଢ଼ି ଆପଣ ଆମକୁ ମନର ଖୁସି ଜଣାଇଛନ୍ତି। ଦାଶରଥି ଦାସଙ୍କ ସମ୍ପାଦିତ 'ଉପେନ୍ଦ୍ର ଭଞ୍ଜଙ୍କ ଶ୍ରେଷ୍ଠ କବିତା' ପରି ଏକାଧିକ ବିରଳ ବହି ଆପଣଙ୍କ ନଜରକୁ ଆମେ ଆଣିଛୁ। ବହୁ ନୂତନ ଓ ନବୋଦିତ ଲେଖିକାଲେଖକଙ୍କ ଭରସାର ପାତ୍ର ହୋଇଛି 'ସାହିତ୍ୟାୟନ'।

ଭାଷାବିତ୍ ଡ. ଅନ୍ତର୍ଯ୍ୟାମୀ ମିଶ୍ର ୨୦୧୯ରେ ଜାତୀୟ ସ୍ତରରେ ରାଷ୍ଟ୍ରପତି ପୁରସ୍କାର ପାଇଛନ୍ତି ଓ କବି ଜୟନ୍ତ ମହାପାତ୍ର କେନ୍ଦ୍ର ସାହିତ୍ୟ ଏକାଡେମୀର ଫେଲୋ ଭାବେ ସମ୍ମାନିତ ହୋଇଛନ୍ତି। ଗାଳ୍ପିକ ତରୁଣକାନ୍ତି ମିଶ୍ରଙ୍କୁ ମିଳିଛି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର। ଏ ନେଇ ଆମ ଆନନ୍ଦର ସୀମା ନାହିଁ। ସୁଖ ସାଙ୍ଗକୁ ଏ ବର୍ଷର ଦୁଃଖ ବି କିଛି କମ୍ ନୁହେଁ। ଆମ ଗହଣରୁ ବିଦାୟ ନେଇଛନ୍ତି କବି ନୀରେନ୍ଦ୍ରନାଥ ଚକ୍ରବର୍ତ୍ତୀ, ନାଟ୍ୟକାର ଗିରୀଶ କର୍ନାଡ, ଲେଖିକା ଟୋନି ମୋରିସନ, ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ, କଥାକାର ହେମନ୍ତ କୁମାର ମହାପାତ୍ର ଓ କବି ମନମୋହନ ଦାଶ। ଏମାନଙ୍କ ସ୍ମୃତି ରହିରହି ମନେପଡ଼ିବ ଅନେକ କାଳ।

ନୂଆବର୍ଷ ୨୦୨୦ ଆପଣଙ୍କ ସ୍ରଷ୍ଟାଜୀବନକୁ ନୂଆନୂଆ ସୃଷ୍ଟିରେ ଋଦ୍ଧିମନ୍ତ କରୁ। ଆପଣଙ୍କ ସୃଜନାତ୍ମକ ସହଯୋଗ ଓ ଭାଗୀଦାରିରେ 'ସାହିତ୍ୟାୟନ' ଆହୁରି ସମୃଦ୍ଧ ହେଉ।









# ଭାଗ

ରାଗ ତମତମ ହେଇ ବସିଥିବା ଜାଗାରୁ ଧଡ୍‌କିନା ଉଠିପଡ଼ିଲା ବଡ଼ପୁଅ। ବାଁ କାନ୍ଧରେ ଥିବା ଗାମୁଛାକୁ ବୁଲେଇ କରି ଡାହାଣ କାନ୍ଧରେ ରଖିଦେଇ କହିଲା– ବାସ୍, ଆଉ ନୁହଁ, ବହୁତ ହେଇଗଲାଣି, ଏଥର ତୋ' କଥା ତୁ ବୁଝ୍। ମୋ' କଥା ମୋର। ଏଣିକି ଏ ଘରେ ଗୋଟିଏ ନୁହଁ ଦୁଇଟି ଚୁଲି ଚଳିବ। ଅସିହା କାଳର ପୁରୁଣା ଚୁଲିକୁ ସାନଭାଇ ଭାଙ୍ଗି ଦିଗଡ଼ କରିଦେଲା।



ସବୁଦିନ ଲାଗି ରହିଥିବା କଳି ଝଗଡ଼ାରୁ ମୁକ୍ତି ପାଇଁ ଦୁଇ ଭାଇ ଭିନ୍ନେ ହେବାକୁ ନିଷ୍ପତ୍ତି ନେଲେ। ହାଣ୍ଡି, କରଚୁଲି, ଗାଈ, ବଳଦ ସବୁ ଦି' ଭାଗ ହେଲା। ଜମିବାଡ଼ି, ଘରଡିହ ଭଦ୍ରଲୋକ ବସି ସମାନ ଭାଗରେ ବାଣ୍ଟିଦେଲେ। ବଡ଼ଭାଇ ପଣିଆ ଦେଖେଇ ବଡ଼ପୁଅ ନିଜ ଆଡୁ ଅଧିକ ତିନିବସ୍ତା ଧାନ ଓ ଦି'ଗୁଣ୍ଠ ଜମି ସାନଭାଇକୁ ଦେଲା। ହେଲେ ବୁଢ଼ା ବୁଢ଼ୀ ? ସେମାନେ ଦାଣ୍ଡ ପିଣ୍ଡାରେ ବସି ଚୁପ୍‌ଚାପ୍ ସବୁ ଶୁଣୁଥିଲେ। ବଡ଼ପୁଅ କହିଲା ବୋଉକୁ ସେ ନବ। ନିଜ ପୁରୁଣା ଟ୍ରଙ୍କରେ ବାହାବେଳୁ ସାଇତି ରଖିଥିବା ବୁଢ଼ାର ଧୋତି, କୁର୍ତ୍ତା ଓ ନିଜର ପୁଆଣି ଶାଢ଼ିକୁ ମୁଣ୍ଡେଇ ବୁଢ଼ି ବଡ଼ପୁଅ ଘର ପଟକୁ ଚାଲିଗଲା। ବୁଢ଼ାକୁ ଭାଗ ଦେଲାନି। ବୁଢ଼ା ଜାଣିଶୁଣି ଟ୍ରଙ୍କରୁ ଭାଗ ନ ମାଗି ସାନ ପୁଅ ଆଡ଼େ ପଳେଇଲା।

## ୨ ମିନିଗପ

**ନରେନ୍ଦ୍ର ସେଠୀ**

# ଭୋଟ୍



ଭୋଟ୍ କାହାକୁ ଦେବି? ସୋସିଆଲ ମିଡିଆରେ ଘୂରି ବୁଲୁଥିବା ମେସେଜ୍ ଓ ନ୍ୟୁଜ୍ ଚ୍ୟାନେଲ୍‌ଗୁଡ଼ିକର ଭୀଷଣ ବିତର୍କ କନ୍‌ଫ୍ୟୁଜ୍ କରୁଥିଲା। ପ୍ରଥମକରି ଜୀବନରେ ହାତରେ କାଳି ଦାଗ ଲଗେଇବ ଶୁଭମ୍। ଗୋଟିଏ ଭୋଟ୍‌ର ମୂଲ୍ୟ ବା କେତେ! ସେ ଯଦି ଭୋଟ୍ ନ ଦିଏ କ'ଣଟା ହେଇଯିବ? ଖବରକାଗଜବାଲା ପେପର ଫୋପାଡ଼ିଲା। ବାଲ୍‌କୋନି ଉପରୁ ଉଠେଇ ଖବରକାଗଜ ଖୋଲିଲା ଶୁଭମ୍। ବିରୋଧୀ ଦଳର ନେତା ଯିଏ ଶାସକ ଦଳର ଦୁର୍ନୀତିକୁ ଉଜାଗର କରୁଥିଲେ, ଦଳୀୟ ଟିକେଟ୍ ନ ମିଳିବାରୁ ଶାସକ ଦଳରେ ସାମିଲ ହେଇଥିଲେ। ଯେଉଁ ନେତାଙ୍କୁ ଟିକେଟ୍ ମିଳିଲାନି, ସେ ଦଳ ଡେଇଁଲେ। ହେଲେ ସେ ଡେଇଁବ କୁଆଡ଼କୁ? ସେ ସ୍ୱାଧୀନତା ତା' ପାଖରେ ଅଛି କି ନାଇଁ? ଶୁଭମ୍‌ର ମୁଣ୍ଡ କାମ କଲାନି। ସେ ଖବର କାଗଜକୁ ରଖିଦେଇ ଆସନ୍ତା ମେଡିକାଲ ଏଣ୍ଟ୍ରାନ୍ସ ପାଇଁ ପ୍ରସ୍ତୁତ ହେଲା।

– ବୈଜ୍ଞାନିକ, ଭାବା ପରମାଣୁ ଗବେଷଣା କେନ୍ଦ୍ର, ପରିବେଶ ନିରୀକ୍ଷଣ ପରୀକ୍ଷାଗାର, ଯାଦୁଗୁଡ଼ା, ପୂର୍ବସିଂଭୂମି, ଝାଡ଼ଖଣ୍ଡ

# ପୁସ୍ତକ ପରିଚୟ

## ମୁକ୍ତି ସଂଗ୍ରାମୀ ମୌଲାନା ଆବୁଲ୍ କାଲାମ୍ ଆଜାଦ୍

**ଲେଖକ:** ସେକ୍ ମତଲୁବ୍ ଅଲ୍ଲି
**ପ୍ରକାଶକ:** ଓଡ଼ିଶା ବୁକ୍ ଏମ୍ପୋରିୟମ୍, ସୂତାହାଟ, କଟକ-୧
**ପ୍ରଥମ ପ୍ରକାଶ:** ୨୦୧୯, ମୂଲ୍ୟ: ଟ.୧୧୫/-




ଆଲୋଚ୍ୟ ବହିଟି ଏପରି ଏକ ବହି, ଯାହାକୁ ଢେର୍ ଦିନରୁ ଅପେକ୍ଷା ରଖୁଥିଲା ସମୟ। ବହିଟି ଭାରତୀୟ ମୁକ୍ତି ସଂଗ୍ରାମର ମହାନ୍ ଯୋଦ୍ଧା ତଥା ଉତ୍ତର-ସ୍ୱାଧୀନ ଭାରତବର୍ଷର ଅନ୍ୟତମ ଜନନାୟକ ମୌଲାନା ଆଜାଦ୍‌ଙ୍କ କର୍ମମୟ ଜୀବନ ଓ କାଳଜୟୀ ସାଧନାକୁ ନେଇ ପରିକଳ୍ପିତ ଓ ସୁଲିଖିତ। ମୋଟ ୧୩ଟି ଅଧ୍ୟାୟରେ ବହିଟି ବିଭକ୍ତ, ଯହିଁରେ ତଥ୍ୟାତ୍ମକ ଭାବେ ବିବୃତ ହୋଇଛି ମୌଲାନାଙ୍କ ବଂଶ ପରିଚୟ, ବାଲ୍ୟ ଜୀବନ, ଖିଲାଫତ୍ ଆନ୍ଦୋଳନ, ମୁସଲିମ୍ ଲିଗ୍, ଅସହଯୋଗ ଆନ୍ଦୋଳନ, କଂଗ୍ରେସ, ଦ୍ୱିତୀୟ ବିଶ୍ୱଯୁଦ୍ଧ, ଭାରତଛାଡ଼ ଆନ୍ଦୋଳନ, ଅହମ୍ମଦ ନଗର ଫୋର୍ଟ କାରାଗାର, ମୌଲାନାଙ୍କ ମନ୍ତ୍ରିତ୍ୱ ଆଦି ନାନା ପ୍ରସଙ୍ଗ ; ଯାହାର କେନ୍ଦ୍ରରେ ବିଦ୍ୟମାନ ଖୋଦ୍ ଆଜାଦ୍। ମୌଲାନାଙ୍କ ସମ୍ପର୍କରେ ପଣ୍ଡିତ ନେହରୁ ଲେଖିଛନ୍ତି: ''ପୃଥିବୀର ସମସ୍ତ କଲ୍ୟାଣକର ସଂସ୍କୃତି ଏକାକାର ହୋଇ ଯେଉଁ ସଂସ୍କୃତି ସୃଷ୍ଟି କରିବ– ମୌଲାନା ଆଜାଦ୍ ଥିଲେ ତା'ର ଅଧିକାରୀ।'' (ପୃ:୧୦୨) ଗ୍ରନ୍ଥ ଶେଷରେ ଆଜାଦ୍‌ଙ୍କ ଜୀବନର କ୍ରମିକ ଘଟଣାବଳୀ ଲିପିବଦ୍ଧ ଏବଂ ବହୁ ବିଶିଷ୍ଟ ଜନନେତାଙ୍କ ସହ ତାଙ୍କର କେତେକ ବିରଳ ଆଲୋକଚିତ୍ର ସଂଯୋଜିତ। ବହିଟି କେବଳ ମୌଲାନା ଆଜାଦ୍‌ଙ୍କ ଜୀବନୀ ଓ କୃତିର ସ୍ମାରକୀ ନୁହେଁ, ଭାରତ-ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ କାଳଖଣ୍ଡର ବିଶ୍ୱସ୍ତ ବୃତ୍ତଚିତ୍ର। ଇତିହାସ ଓ ସାହିତ୍ୟ-ଉଭୟ କ୍ଷେତ୍ର ପାଇଁ ବହିଟି ଖୁବ୍ ମହତ୍ତ୍ୱପୂର୍ଣ୍ଣ।

## ସଂସ୍କୃତିର ଅଭିଲେଖ

**ଲେଖିକା:** ଡ. ଭାଗ୍ୟଲିପି ମଲ୍ଲ
**ପ୍ରକାଶକ:** ବିଦ୍ୟାପୁରୀ, ବାଲୁବଜାର, କଟକ-୨
**ପ୍ରଥମ ପ୍ରକାଶ:** ୨୦୧୯, ମୂଲ୍ୟ: ଟ.୩୩୦/-

ବହିଟିର ଭୂମିକାରେ ପ୍ରଫେସର ଦାଶରଥି ଦାସ ଲେଖିଛନ୍ତି: ଓଡ଼ିଆ ସଂସ୍କୃତିର ପ୍ରଦର୍ଶନଧର୍ମୀ ଗ୍ରାମୀଣ ଐତିହ୍ୟର ବିବିଧତା ସମ୍ବନ୍ଧରେ ରଚିତ ଏକାବନଟି ପ୍ରସ୍ତଲେଖର ଏକ ମନୋଜ୍ଞ ସମାହାର। ବିଭିନ୍ନ ଅଞ୍ଚଳର ସାହିତ୍ୟ-ସଂସ୍କୃତି- ସମାଜ- ଇତିହାସ ବିଷୟରେ ନିର୍ଭରଯୋଗ୍ୟ ଗ୍ରନ୍ଥ ରଚନା କାର୍ଯ୍ୟଟିକୁ ସୁସମ୍ପାଦନ କରିଛନ୍ତି ଭାଗ୍ୟଲିପି। ପ୍ରାୟ ତିନିଶହ ପୃଷ୍ଠାର ଏହି ବହିଟିକୁ ପଢ଼ିଲେ ମନେହୁଏ, ଓଡ଼ିଆ ସଂସ୍କୃତି ଓ ଐତିହ୍ୟର ଏହା ଏକ ନିର୍ଭରଯୋଗ୍ୟ ଦଲିଲ। ଦୁର୍ଗା ଉପାସନା, ଲକ୍ଷ୍ମୀ ଉପାସନା, ଓଡ଼ିଆ ଘରର ଓଷାକଥା, ବରଗଡ଼ ଧନୁଯାତ୍ରା, ପ୍ରହ୍ଲାଦ ନାଟକ, ପୁରୀର ସାହିଯାତ, କଣ୍ଢେଇନାଟ, ରାମଲୀଳା, ଦଣ୍ଡନାଟ, ପାଲା, ମୋଗଲ ତାମ୍‌ସା, ଛଉନୃତ୍ୟ, ଶବ୍ଦନୃତ୍ୟ, ସର୍ପପୂଜା, ଗୋଟିପୁଅ ନାଟ, ଦେବଦାସୀ ନୃତ୍ୟ, ଘୁମୁରା ନୃତ୍ୟ, ପାଇକ ନୃତ୍ୟ, ଲଉଡ଼ି ଖେଳ ଓ ବାଘନୃତ୍ୟ ଆଦି ଓଡ଼ିଶାର ନାନା ସାଂସ୍କୃତିକ ଓ କଳାଗତ ବିଭବ ସଂପନ୍ନ ରୂପ ଘେନିଛି ବହିଟିରେ। ଏଥିରେ ସ୍ଥାନିତ ଚିତ୍ରଗୁଡ଼ିକ ଯଦିଓ ବିରଳ, କିନ୍ତୁ ଏହା ରଙ୍ଗିନ୍ ହୋଇଥିଲେ ଅଧିକ ଆକର୍ଷଣୀୟ ହୋଇପାରିଥା'ନ୍ତା। ପାଠାଗାର ଓ ବ୍ୟକ୍ତିଗତ ବହିଥାକରେ ବହିଟିର ଉପସ୍ଥିତି ଗୌରବାବହ ହେବ ବୋଲି ଆଶା।




## କବିତା କଲ୍ଲୋଳିନୀ

**କବି:** ଡ. ପଦ୍ମନାଭ ମହାପାତ୍ର
**ପ୍ରକାଶକ:** ପକ୍ଷୀଘର ପ୍ରକାଶନୀ, ମଧୁସୂଦନ ନଗର, ଭୁବନେଶ୍ୱର-୧୧
**ପ୍ରଥମ ପ୍ରକାଶ:** ୨୦୧୯, ମୂଲ୍ୟ: ଟ.୧୭୫/-




ମୋଟ ୨୧ଟି କବିତା ବହିରେ ସ୍ଥାନିତ, ଯାହାର ବିଷୟବସ୍ତୁ ପ୍ରାୟତଃ ଗ୍ରାମଭିତ୍ତିକ। ପ୍ରାକ୍-କଥନରେ କବି ଲେଖିଛନ୍ତି: ''କବିତା କଲ୍ଲୋଳିନୀ ମାଧ୍ୟମରେ ଗ୍ରାମ୍ୟ ଜୀବନର କେତୋଟିମଧୁର ତଥା ଦାର୍ଶନିକ ଚିତ୍ରକୁ ପ୍ରକାଶ କରିବାକୁ ଚେଷ୍ଟା କରିଛି। କେତେଗୋଟି କବିତା ନିଜର ଜନ୍ମମାଟି ଓ ଅତୀତ ଜୀବନ ଉପରେ ଆଧାରିତ।'' ପ୍ରକାଶକ ପ୍ରଚ୍ଛଦଲେଖରେ ଲେଖିଛନ୍ତି: ''ଏହି କବିଙ୍କ କବିତାଗୁଡ଼ିକ ବାସ୍ତବତାକୁ ଧରି ରଖିବାର ପ୍ରୟାସ କରେ।'' କବିତାଗୁଡ଼ିକର ରଚନାଶୈଳୀ ଗତାନୁଗତିକ ଓ ଏଥିରେ ମୌଳିକ ସୃଜନର ସ୍ୱାକ୍ଷର କ୍ୱଚିତ୍ ଥିବାରୁ ବର୍ତ୍ତମାନ ସମୟର ପାଠିକାପାଠକଙ୍କୁ କିପରି ସ୍ପର୍ଶ କରିବ, ତାହା ସମୟ କହିବ। ତେବେ ବହିଟିର ବିଷୟ ବିବେଚନା ଓ ତାକୁ ରୂପଦେବା ନିମିତ୍ତ କବିଙ୍କର ଯେଉଁ ଶ୍ରମଶୀଳ ପ୍ରଚେଷ୍ଟା ତାହା ବ୍ୟର୍ଥ ଯିବ ନାହିଁ ବୋଲି ଆଶା।

## ପଶାପାଲିର ଗୋଟି

**ଲେଖକ:** ଶରତ ଚନ୍ଦ୍ର ମିଶ୍ର
**ପ୍ରକାଶକ:** ପ୍ରାଚୀ ପ୍ରକାଶନ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୧୯, ମୂଲ୍ୟ: ଟ.୨୩୦/-

ଉପନ୍ୟାସର 'ଅଭିମତ'ରେ ଲେଖକ ଶ୍ରୀ ମିଶ୍ର ଲେଖିଛନ୍ତି: ''ଏ ଉପନ୍ୟାସର ଚରିତ୍ରମାନେ କାଳ୍ପନିକ ନୁହନ୍ତି, ଏକ ସତ୍ୟ ଘଟଣା ଓ ଜୀବନର ପ୍ରଚ୍ଛଦପଟରେ ଏହାର ଅବତାରଣା କରାହୋଇଛି। ଏହା ଏକ ନିଛକ ନିମ୍ନମଧ୍ୟବିତ୍ତ ଓଡ଼ିଆ ପରିବାରର ଜଣେ ସାହସୀ ମହିଳାଙ୍କର ବିଷାଦମୟ ସଂପର୍କର କାହାଣୀ।'' ଉପନ୍ୟାସର ପ୍ରତ୍ୟେକଟି ଚରିତ୍ରକୁ ଲେଖକ ନିଜସ୍ୱ ଅନୁଭୂତି ଓ ପ୍ରଜ୍ଞା ଦେଇ ଯେପରି ଗଢ଼ିଛନ୍ତି, ତାହା ପାଠିକାପାଠକଙ୍କ ଚେତନାରେ ଯେ ବିଶ୍ୱସନୀୟ ହୋଇଉଠିବ, ଏଥିରେ ସନ୍ଦେହ ନାହିଁ। ଉପନ୍ୟାସର ପରିଚ୍ଛେଦଗୁଡ଼ିକୁ ଔପନ୍ୟାସିକ ସ୍ୱତନ୍ତ୍ର ଶୀର୍ଷକ ଦ୍ୱାରା ଚିହ୍ନିତ କରିଥିବାରୁ ତାହା ପାଠକଙ୍କୁ ବିରାମ ନେଇ ଉପନ୍ୟାସଟିକୁ ଘେନିବାରେ ସହାୟତା କରିବ। ଭାଷା-ମୁହଁର ଭାଷା, ତେଣୁ ସାଧାରଣ ପାଠକଙ୍କ ପାଇଁ ବି ଏହା ଗ୍ରହଣଶୀଳତାର ଅବକାଶ ରଖେ। ମଝିରେ ମଝିରେ ଉତ୍କଣ୍ଠା ରଚନା ଉପନ୍ୟାସର କଥାବସ୍ତୁକୁ ଗତିଶୀଳ କରାଇଛି ଓ ଏହି ଗତିଶୀଳତା ତମାମ୍ ବହିଟିକୁ ଉଦ୍ଦୀପିତ କରି ରଖିଛି।




## କଥା କତିପୟ

**ଲେଖକ:** ସୌମ୍ୟଶ୍ରୀ ପାଣିଗ୍ରାହୀ
**ପ୍ରକାଶକ:** ଟାଇମ୍‌ପାସ୍, ବରମୁଣ୍ଡା, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୧୯, ମୂଲ୍ୟ: ଟ. ୧୭୫/-




କବି ଶଶଧର ଦାସ ବହିର ଆରମ୍ଭରେ କହିଛନ୍ତି: ''ସୌମ୍ୟଙ୍କ 'କଥା କତିପୟ'ରେ ମୁଁ ପଢୁଛି ଅନେକ କଥାର ନଥା, ଭେଟୁଛି ବହୁବିଧ ବ୍ୟଥାମାନଙ୍କୁ। ଏ ବ୍ୟଥାନୁଭବ କେବଳ ସୌମ୍ୟଙ୍କର ନୁହେଁ, ପ୍ରତ୍ୟେକ ପାଠକର। ଥରେ ଏ ପୁସ୍ତକ ଭିତରକୁ ପ୍ରବେଶ କଲେ ବହୁ ସ୍ମୃତି, ବିସ୍ମୃତି, ଘଟଣା, ଦୁର୍ଘଟଣା, ଅନୁଭବ ଓ ଅନୁଭୂତି, ଦୃଷ୍ଟି ଓ ବଳୟ, ଚିନ୍ତନ ଓ ମନ୍ଥନ ପାଠକର ମାନସଭୂମିକୁ କେବଳ ଛୁଇଁଯାଏ ନାହିଁ, କିଛି ସମୟ ପାଇଁ ଭାବମୁଗ୍ଧ କରେ।'' ପ୍ରଚ୍ଛଦଲେଖରେ ପ୍ରକାଶକ ସରୋଜ ବଳ କହନ୍ତି: ''ସୌମ୍ୟ ଯୁବପିଢ଼ିର ଅନ୍ୟତମ ପ୍ରତିଶ୍ରୁତିବଦ୍ଧ ଗଦ୍ୟକାର। ନିଜର ବୌଦ୍ଧିକ ଦୃଷ୍ଟି ଓ ଦର୍ଶନକୁ କଥାକୁହା ଭାଷା ଓ ଗପକୁହା ଢଂଗରେ ପରଷିବାରେ ତାଙ୍କର ରହିଛି ଏକ ନିଜସ୍ୱ ଠାଣି।'' ସତରେ ବି ବହିଟିର ପ୍ରତ୍ୟେକଟି ଲେଖା ଲେଖକଙ୍କ ସମକାଳ ଓ ସମସମାଜର ନିଷ୍ପାପର ଅନୁଭବ, ଯେଉଁ ଅନୁଭବକୁ ଅକୃପଣ ଶ୍ରଦ୍ଧାଶୀଳତା ଦେଇ ଲେଖକ ପ୍ରକଟ କରିଛନ୍ତି। ନାନା ବିଷୟରେ ତାଙ୍କର ଯେଉଁ ମୌଳିକ ଚିନ୍ତନ ପ୍ରତିଟି ଲେଖା ଭିତରେ ସୁସ୍ପଷ୍ଟ ରୂପ ପାଏ, ତାହା ପାଠକଙ୍କ ମନଯୋଗକୁ ଯନ୍ତା ବସାଇ ଧରେ। ଆଶା, ବହିଟି ସବୁ ଶ୍ରେଣୀର ପାଠିକାପାଠକଙ୍କ ଦ୍ୱାରା ଆଦୃତ ହେବ।